# ପ୍ରକୃତ ସୁଧ ହାର ବିଯୁକ୍ତ ମୁଦ୍ରାସ୍ଫିତିରେ ପ୍ରକୃତ ସୁଧ ହିସାବ ହୋଇଅଛି ।

ପୁନଶ୍ଚ, ଋଣ ଜିଏସ୍‌ଡିପି ଅନୁପାତ 2018-19 ରେ 22.30 ପ୍ରତିଶତ ଥିଲା ଏବଂ ବିତ୍ତୀୟ କ୍ଷତି-ଜିଏସ୍‌ଡିପି ଅନୁପାତ 2.09 ପ୍ରତିଶତ ଥିଲା । ସମନ୍ଧିତ ଏଫ୍‌ଆର୍‌ବିଏମ୍ (ସଂଶୋଧନ ନିୟମ) 2016 ଅନୁଯାୟୀ, 2014-19 ମଧ୍ୟରେ ଋଣର ବିତ୍ତୀୟ ଲକ୍ଷ୍ୟ 25 ପ୍ରତିଶତ ଥିଲା ଏବଂ ବିତ୍ତୀୟ କ୍ଷତି ସୀମା ଜିଏସ୍‌ଡିପିର 3.5 ପ୍ରତିଶତ ଥିଲା ।

ରାଜ୍ୟର ପୁଞ୍ଜି ଖର୍ଚ୍ଚ (2014-2019) ରେ 17.70 ରୁ 21.35 ପ୍ରତିଶତରେ ଘୁରି ବୁଲୁଥିଲା । 2014-15 ରୁ 2018-19 ମଧ୍ୟରେ, ରାଜ୍ୟ ପ୍ରାଥମିକ କ୍ଷତି କରିଥିଲା । ମାତ୍ର ଏହା ପରିଲକ୍ଷିତ ହୋଇଥିଲା ଯେ ଜି-ଆର୍ (ଡୋମର ଫାଙ୍କ) 2014-15 ରୁ 2018-19 ମଧ୍ୟରେ ସକରାତ୍ମକ ଥିଲା । ତେଣୁ, ଡୋମର ଆଦର୍ଶ ଅନୁଯାୟୀ, ସରକାରୀ ଋଣ ସ୍ତର ସ୍ଥିର ଥିବା ଦର୍ଶାଯାଇଥିଲା । ମାତ୍ର, ଏହା ଉଲ୍ଲେଖ ଯୋଗ୍ୟ ଯେ, ଜି-ଆର୍ ସ୍ଥିର ଅଥବା ଏକାଗ୍ର ଭାବରେ ବଢିଥିବା ଧାରା ଦରଜ ହୋଇନଥିଲା ।

ଅଧିକନ୍ତୁ, ଅନ୍ୟାନ୍ୟ ବିଷୟ ଯେପରିକି ସରକାରୀ ଖାତା ଦାୟ ଏବଂ ଅପ୍ରତିରୋଧ୍ୟ ଶକ୍ତି[25] ଏବଂ / କିମ୍ବା ରାଜସ୍ୱର କୌଣସି ଅନ୍ୟ ଅଣତାଲିକାଭୁକ୍ତ କ୍ଷତିକୁ ମଧ ରାଜ୍ୟ[26]ର ଋଣ ସ୍ଥିରତା/ ଦୃଢତାର ମୂଲ୍ୟ ନିର୍ଦ୍ଧାରଣ କଲାବେଳେ ହିସାବକୁ ନେବା ଉଚିତ୍ ।

## 1.8 ବିତ୍ତୀୟ ସୁଧାର ପଥ

ରାଜ୍ୟ ସରକାର ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ଓଡ଼ିଶା ଏଫ.ଆର.ବି.ଏମ୍ ଧାରା 2005 କୁ ସଂଶୋଧନ କରିଥିଲେ ଏବଂ ଓଡ଼ିଶା ଏଫ.ଆର.ବି.ଏମ (ସଂଶୋଧନ) ଧାରା 2016 କୁ 5 ନଭେମ୍ବର 2016 ରୁ ଲାଗୁ କରିଥିଲେ । ନିମ୍ନଲିଖିତ ବିତ୍ତୀୟ ଲକ୍ଷ୍ୟ 2015-16 ରୁ 2019-20 ପର୍ଯ୍ୟନ୍ତ ଥିଲା ।

[25] ଚଳିତ କୋରୋନା ଭାଇରସ ସଂକଟ ଏବଂ ଜିଏସ୍‌ଡିପି ଉପରେ ଏହାର ପ୍ରଭାବ ।

[26] ଯେପରି ଏଗୁଡ଼ିକ ପରିସଂଖ୍ୟାନ ଭିତ୍ତିରେ ପୂର୍ବାନୁମାନ କିମ୍ବା ଦୃଢ଼ କରାଯାଇ ପାରିବ ନାହିଁ । ଏଗୁଡ଼ିକୁ ବିଶ୍ଳେଷଣରେ ଗଣତି କରାଯାଇପାରି ନାହିଁ ।

ରେଖାଚିତ୍ର **1.24:** ଓଏଫବିଆରଏମ (ସଂଶୋଧନ) ଧାରା **2016** ର ବିତ୍ତିୟ ଧାର୍ଯ୍ୟ ଲକ୍ଷ୍ୟ




*ଉତ୍ସ : ଓଡ଼ିଶା ଏଫ୍.ଆର୍.ବି.ଏମ୍ (ସଂଶୋଧନ) ଧାରା* 2016

ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାର ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଅନୁସାରେ ଏବଂ ଓଡ଼ିଶା ଏଫ୍.ଆର.ବି.ଏମ (ସଂଶୋଧନ) ନିୟମ 2016 ର ସମସ୍ତ ବିତ୍ତୀୟ ପ୍ରାପ୍ତି ସାରଣୀ 1.24 ରେ ଦର୍ଶାଯାଇଅଛି ।

ସାରଣୀ **1.24:** 2018-19 ରେ ବିତ୍ତୀୟ ଲକ୍ଷ୍ୟ ଏବଂ ପ୍ରାପ୍ତି

| ମୁଖ୍ୟବିତ୍ତୀୟ ମାପକ | ଚତୁର୍ଦ୍ଧଶ ଅର୍ଥ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ | ବଜେଟ୍ ଆକଳନରେ ଲକ୍ଷ୍ୟ | ଏଫ୍.ଆର.ବି.ଏମ୍. ଧାରା ଅନୁଯାୟୀ ଲକ୍ଷ୍ୟ | ଲକ୍ଷ୍ୟ ପ୍ରାପ୍ତି |
|---|---|---|---|---|
| ରାଜସ୍ୱ ନିୟଣ୍ଟ (-) | 0 | 9,980 କୋଟି ଟଙ୍କା ରାଜସ୍ୱ ବଳକା | 0 | 14,190 କୋଟି ଟଙ୍କା ରାଜସ୍ୱ ବଳକା |
| ଜି.ଏସ୍.ଡ଼ି.ପିର ବିତ୍ତୀୟ ନିୟଣ୍ଟର ପ୍ରତିଶତ (-) | (-)3.5 ପ୍ରତିଶତ | 15,521 କୋଟି ଟଙ୍କା ବିତ୍ତୀୟ ନିୟଣ୍ଟ (-) 3.20 ପ୍ରତିଶତ | (-)3.5 ପ୍ରତିଶତ | 10,157 କୋଟି ଟଙ୍କା ବିତ୍ତୀୟ ନିୟଣ୍ଟ (-)2.09 ପ୍ରତିଶତ |
| ଜି.ଏସ୍.ଡ଼ି.ପିର ବିତ୍ତୀୟ ପ୍ରତିଶତ | 25 ପ୍ରତିଶତ | 20.7 ପ୍ରତିଶତ | 25 ପ୍ରତିଶତ | 22.30 ପ୍ରତିଶତ |
| ରାଜସ୍ୱ ପ୍ରାପ୍ତିର ସୁଧ ପ୍ରଦାନର ପ୍ରତିଶତ | 15 ପ୍ରତିଶତ | 5.49 ପ୍ରତିଶତ | 15 ପ୍ରତିଶତ | 5.83 ପ୍ରତିଶତ |
| ରାଜ୍ୟର ନିଜସ୍ୱ ରାଜସ୍ୱର ବେତନର ଅନୁପାତ | -- | 69.36 ପ୍ରତିଶତ | 80 ପ୍ରତିଶତ | 43.50 ପ୍ରତିଶତ |
| ଅଣସୁଧ ରାଜସ୍ୱ ବ୍ୟୟ ଏବଂ ରାଜ୍ୟ ନିଜସ୍ୱ ରାଜସ୍ୱର ଅନୁପାତ | -- | 51.51 ପ୍ରତିଶତ | 55 ପ୍ରତିଶତ | 41.38 ପ୍ରତିଶତ |

ଉତ୍ସ : ଚତୁର୍ଦ୍ଦଶ ଅର୍ଥ କମିଶନ, ଓଡ଼ିଶା ସରକାରଙ୍କ 2018-19 ର ବଜେଟ୍ ଦୃଷ୍ଟି ଏଫ୍ଆର୍‌ବିଏମ୍ ଧାରା ଏବଂ ବିତ୍ତୀୟ ହିସାବ 2018-19

ଉପରୋକ୍ତ ସାରଣୀ 1.24 ରୁ ଏହା ଦେଖାଗଲା ଯେ ଚତୁର୍ଦ୍ଦଶ ଅର୍ଥ କମିଶନ ଏବଂ ଏଫ.ଆର.ବି.ଏମ. ଧାରା ଅନୁଯାୟୀ ଧାର୍ଯ୍ୟ କରାଯାଇଥିବା ସମସ୍ତ ଲକ୍ଷ୍ୟକୁ ରାଜ୍ୟ ସରକାର ପୂରଣ କରିଅଛି ।

ଓଡ଼ିଶା ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ ପରିଚାଳନା ଧାରା 2005 (ଓଡ଼ିଶା ଏଫ.ଆର.ବି.ଏମ୍ ଧାରା 2005) ଅନୁଯାୟୀ ରାଜ୍ୟ ସରକାର, ଉକ୍ତ ଧାରାର ବ୍ୟବସ୍ଥା ଅନୁପାଳନ ହୋଇଛି କି ନାହିଁ ପୁର୍ନବିଲୋକନ କରିବା ଏବଂ ଏହା

ଉପରେ ଏକ ରିପୋର୍ଟ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରିବା ପାଇଁ, ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଠାରୁ ସ୍ୱାଧିନ ଥିବା ଏକ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିବା ଦରକାର ।

ଓଡ଼ିଶା ଏଫ୍‌ଆର୍‌ବିଏମ୍ ଧାରା 2005 ର ବ୍ୟବସ୍ଥା ଅନୁଯାୟୀ 2015-16 ବର୍ଷର ରାଜ୍ୟର ଆର୍ଥିକ ସ୍ଥିତିକୁ ସ୍ୱାଧିନ ଭାବେ ପୁର୍ନବିଲୋକନ କରିବା ଦାୟିତ୍ୱ, ସାଧାରଣ ହିସାବ ଓ ନୀତିର ଜାତୀୟ ଅନୁଷ୍ଠାନ ନୂଆଦିଲ୍ଲୀ (ଏନଆଇପିଏ)କୁ ଅର୍ପଣ କରାଯାଇଥିଲା । ଏନଆଇପିଏଫପି, ପୁନଃବିଲୋକନ ରିପୋର୍ଟ 1 ଡ଼ିସେମ୍ବର 2017 ରେ ପ୍ରଦାନ କରିଥିଲା, ଯାହା ବିଧାନ ସଭାରେ ମାର୍ଚ୍ଚ 2018 ରେ ଉପସ୍ଥାପିତ ହେଲା ।

````
````

# ଅଧ୍ୟାୟ-II
# ଆର୍ଥିକ ପରିଚାଳନା ଓ ବଜେଟ ନିୟନ୍ତ୍ରଣ

# ଅଧ୍ୟାୟ II

# ଆର୍ଥିକ ପରିଚାଳନା ଓ ବଜେଟ ନିୟନ୍ତ୍ରଣ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ, ବଜେଟରେ ବ୍ୟବସ୍ଥିତ ବିଭିନ୍ନ ଅନୁଦାନ ଅଧୀନରେ ହୋଇଥିବା ପ୍ରକୃତ ବ୍ୟୟ ବିନିଯୋଗ ଆଇନ ଦ୍ୱାରା ପ୍ରାଧିକୃତ କି ନୁହେଁ, ସମ୍ବିଧାନ ବ୍ୟବସ୍ଥିତ ଭାରିତ ବ୍ୟୟ ପ୍ରକୃତପକ୍ଷେ ଭାରିତ ହୋଇଛି କି ନାହିଁ ଏବଂ ବ୍ୟୟଗୁଡ଼ିକ ପ୍ରଚଳିତ ଆଇନ, ନିୟମ ଓ ନିର୍ଦ୍ଦେଶ ଅନୁରୂପ ହୋଇଥିବ ବିଷୟକୁ ସୁନିଶ୍ଚିତ କରିବା ପାଇଁ ବିନିଯୋଗର ସମୀକ୍ଷା କରିଥାନ୍ତି । ଏହି ଅଧ୍ୟାୟରେ 2018-19 ଆର୍ଥିକ ବର୍ଷର ବିନିଯୋଗ ହିସାବର ବିଶ୍ଳେଷଣ କରାଯାଇଛି ।

## 2.1 ଆର୍ଥିକ ଉତ୍ତରଦାୟିତ୍ୱ ଓ ବଜେଟ ପରିଚାଳନା

ରାଜ୍ୟ ସରକାର ସର୍ବ ପ୍ରଥମେ ବାର୍ଷିକ ବଜେଟ ଅନୁମୋଦନ କରିଥାନ୍ତି । ଯେତେବେଳେ ପ୍ରାରମ୍ଭିକ ଆବଣ୍ଟନ ପର୍ଯ୍ୟାପ୍ତ ହୋଇନଥାଏ କିମ୍ବା ଏକ ନୂତନ ବ୍ୟୟର ଆବଶ୍ୟକତା ପଡ଼ିଥାଏ, ସରକାର ଅନୁପୂରକ ଖର୍ଚ୍ଚଦାବି (ବଜେଟ ଆଇନ ପୁସ୍ତିକାର ପାରା 166) ବିଧାନସଭାରେ ଉପସ୍ଥାପନା କରିଥାନ୍ତି । ପୁର୍ନବିନିଯୋଗ ମାଧ୍ୟମରେ ସରକାର ଗୋଟିଏ ସବହେଡ଼ର (ସାଧାରଣତଃ ଗୋଟିଏ ପରିକଳ୍ପନା) ସଂଚୟକୁ ଅନ୍ୟ ସବ-ହେଡ଼କୁ ସ୍ଥାନାନ୍ତର କରିପାରିବେ, ଯଦି ସେହି ସ୍ଥାନାନ୍ତରଣ ସମାନ ଅନୁଦାନ[1] ଏବଂ ବିଭାଗ[2] ମଧ୍ୟରେ ହୋଇଥାଏ । ବଜେଟ ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ବନ୍ଧିତ ପ୍ରତ୍ୟେକ ତଥ୍ୟ ବିନିଯୋଗ ହିସବାରେ ପ୍ରତିଫଳିତ ହୋଇଥାଏ (ରେଖାଚିତ୍ର-2.1)।

ରେଖାଚିତ୍ର **2.1:** ବଜେଟ କର୍ଯ୍ୟାନ୍ୱୟନର ଫ୍ଲୋ ଚାର୍ଟ




ଉତ୍ସ : ବଜେଟ ମାନୁଆଲ ଏବଂ ବିନିଯୋଗ ହିସାବର କାର୍ଯ୍ୟଧାରା ଉପରେ ପରିବେଶିତ

## 2.2 ବିନିଯୋଗ ହିସାବର ସାରାଂଶ

2018-19 ବର୍ଷରେ 43 ଟି ଅନୁଦାନ ଏବଂ ତିନୋଟି ବିନିଯୋଗର ପ୍ରକୃତ ଖର୍ଚ୍ଚର ସାରାଂଶ ସାରଣୀ 2.1 ରେ ଦିଆଯାଇ ଅଛି ।

[1] ଅନୁଦାନ ଅର୍ଥାତ୍ ଅନୁଦାନ ଦାବୀକୁ ବିଧାନସଭାରେ ଅନୁମୋଦିତ କରାଇବା

[2] ପୁଞ୍ଜି, ରାଜସ୍ୱ ଅଥବା ଋଣ

### ସାରଣୀ 2.1: 2018-19 ରେ ଆବଣ୍ଟନ ଏବଂ ପ୍ରକୃତ ଖର୍ଚ୍ଚର ସ୍ଥିତି

(କୋଟି ଟଙ୍କାରେ)

| ବ୍ୟୟର ନାମ | | ମୂଳ | ଅନୁପୂରକ | ମୋଟ | ପ୍ରକୃତ ବ୍ୟୟ | ସଂଚୟ (-)/ ଅଧିକ(+)ମୋଟ ବଜେଟ ପ୍ରସଂଗରେ | ସଂଚୟ / ଅଧିକର ପ୍ରତିଶତରେ |
|---|---|---|---|---|---|---|---|
| ଅନୁମୋଦିତ | I ରାଜସ୍ୱ | 87,043.57 | 8,800.49 | 95,844.06 | 82,079.41 | (-)13,764.66 | 14.36 |
| | II ପୁଞ୍ଜି | 24,577.79 | 3,637.87 | 28,215.66 | 23,517.58 | (-)4,698.08 | 16.65 |
| | III ଋଣ ଏବଂ ଅଗ୍ରିମ | 1,284.10 | 0.81 | 1,284.91 | 1,170.31 | (-)114.60 | 8.92 |
| ମୋଟ ଅନୁମୋଦିତ | | **112,905.46** | **12,439.17** | **125,344.63** | **1,06,767.30** | **(-)18,577.34** | **14.82** |
| ଭାରିତ | IV ରାଜସ୍ୱ | 5,647.02 | 350.43 | 5,997.44 | 5,905.10 | (-)92.34 | 1.54 |
| | V ପୁଞ୍ଜି | 14.11 | 0.40 | 14.51 | 5.76 | (-)8.75 | 60.30 |
| | VI ସରକାରୀ ଦେୟତା | 4,157.00 | 0.00 | 4,157.00 | 3,939.70 | (-)217.30 | 5.23 |
| | ମୋଟ ଭାରିତ | **9,818.13** | **350.83** | **10,168.96** | **9,850.56** | **(-)318.40** | **3.13** |
| | ସର୍ବମୋଟ | **1,22,723.59** | **12,790.00** | **1,35,513.59** | **1,16,617.86** | **(-)18,895.73** | **13.94** |

ଉତ୍ସ : ବିନିଯୋଗ ହିସାବ *2018-19*

2018-19 ରେ ସମୁଦାୟ 1,35,513.59 କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଥିଲା କିନ୍ତୁ ସେହି ବର୍ଷରେ ପ୍ରକୃତ ଖର୍ଚ୍ଚ 1,16,617.86 କୋଟି ଟଙ୍କା (86 %) ଥିଲା । 2018-19 ରେ ସର୍ବମୋଟ ସଂଚୟ[3] 18,895.73 କୋଟି ଟଙ୍କା ହୋଇଥିଲା।

### *2.2.1 ରାଜସ୍ୱ, ପୁଞ୍ଜି ଏବଂ ଋଣ*

ଓଡ଼ିଶା ବଜେଟ ପୁସ୍ତିକାର (ଓବିଏମ) ନିୟମ-1 ଅନୁସାରେ ସରକାରୀ ଖର୍ଚ୍ଚଗୁଡ଼ିକ ତିନି ଶ୍ରେଣୀଭୁକ୍ତ ହୋଇଥାଏ । (କ) ରାଜସ୍ୱ ଖର୍ଚ୍ଚ[4] (ଖ) ପୁଞ୍ଜିଗତ ଖର୍ଚ୍ଚ[5] ଏବଂ (ଗ) ଋଣ ଏବଂ ଅଗ୍ରୀମ ସମୂହ[6] । ରାଜସ୍ୱ, ପୁଞ୍ଜି, ଋଣ ଏବଂ ଅଗ୍ରୀମ ହିସାବରେ ହୋଇଥିବା ସଂଚୟ (ରେଖାଚିତ୍ର 2.2) ।

•

[3] ବଜେଟ ବ୍ୟବସ୍ଥାରୁ ଖର୍ଚ୍ଚ ହୋଇନପାରିଥିବା ଟଙ୍କାକୁ ସଂଚୟ ଶବ୍ଦ ବ୍ୟବହାର କରାଯାଏ ।

[4] ରାଜସ୍ୱ ବ୍ୟୟ ରାଜ୍ୟର ଚଳିତ ବ୍ୟୟ ହିସାବକୁ ବୁଝାଏ । ଉଦାହରଣ ସ୍ୱରୂପ ମଜୁରୀ, ଦରମା, ପରିଚାଳନା କାମ ଏବଂ ମରାମତି ଇତ୍ୟାଦି ।

[5] ପୁଞ୍ଜିଗତ ଖର୍ଚ୍ଚ ଅର୍ଥ ବିଶାଳ ଆକୃତିର ବ୍ୟୟ ଯେପରିକି ଜଳ ସେଚନ ଯୋଜନାର ନିର୍ମାଣ, ପୋଲ କୋଠାବାଡ଼ି, ରାସ୍ତା ବିଛାଇବା, ଜଳ ସେଚନ ଓ ବୈଦ୍ୟୁତିକ ଯୋଜନା ଇତ୍ୟାଦି ।

[6] ଋଣ ହିସାବ ସରକାରୀ ଋଣର ଖର୍ଚ୍ଚ ଏବଂ ହସ୍ତାନ୍ତର ହିସାବ ଅଟେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାନୀୟ ସଂସ୍ଥା କର୍ମଚାରୀ ଏବଂ ଅନ୍ୟାନ୍ୟଙ୍କୁ ଋଣ ଏବଂ ଅଗ୍ରିମ ଦେବା ଏବଂ ସେମାନଙ୍କ ଠାରୁ ଆଦାୟ କରିବା ।




**ଉତ୍ସ : ବିନିଯୋଗ ହିସାବ 2018-19**

ଉପରେ ଦର୍ଶିତ ସାରଣୀରୁ ଏହା ଅନୁମାନ କରାଯାଇପାରିବ ଯେ:

- ରାଜସ୍ୱ ଖର୍ଚ୍ଚ (87,984.51 କୋଟି ଟଙ୍କା) ବଜେଟ ଅଟକଳ (1,01,842 କୋଟି ଟଙ୍କା) ଠାରୁ 13.60 ପ୍ରତିଶତ କମ ହୋଇଥିଲା । ବଜେଟ ଅଟକଳରୁ ସଂଚୟ ଅର୍ଥ ଖର୍ଚ୍ଚ ହୋଇନପାରିବା ଦ୍ୱାରା ଅର୍ଥ ବିଭାଗ ଅଧିନସ୍ଥ ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା (4,414.80 କୋଟି ଟଙ୍କା), ଜମାକାରୀଙ୍କ ସୁଧ ରକ୍ଷା (294.56 କୋଟି ଟଙ୍କା), ପାନୀୟ ଜଳ ଏବଂ ପଞ୍ଚାୟତିରାଜ ବିଭାଗ ଅଧିନସ୍ଥ ମହାତ୍ମାଗାନ୍ଧି ଜାତୀୟ ଗ୍ରାମ୍ୟ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଏସ୍) (300 କୋଟି ଟଙ୍କା) ପୂର୍ତ୍ତ ବିଭାଗ ଅଧିନସ୍ଥ ରାଜ୍ୟ ସଡ଼କ ନିଧି ଯୋଜନା (288.07 କୋଟି ଟଙ୍କା) ଏବଂ ସାମାଜିକ ନିରାପତ୍ତା ଓ ସଶକ୍ତିକରଣ ବିଭାଗ ଅଧିନସ୍ଥ ନିରାଶ୍ରୟଙ୍କ ପାଇଁ ମଧୁବାବୁ ପେନ୍‌ସନ୍ ଯୋଜନା (322.44 କୋଟି ଟଙ୍କା) ପ୍ରଭାବିତ ହୋଇଥିଲା ।
- ବଜେଟ ଅଟକଳ (28,230 କୋଟି ଟଙ୍କା) ତୁଳନାରେ ଖର୍ଚ୍ଚ ହୋଇଥିବା ପୁଞ୍ଜି (23,523 କୋଟି ଟଙ୍କା) 16.67 ପ୍ରତିଶତ କମ୍ ଥିଲା । ଏହା ଦ୍ୱାରା ପ୍ରଭାବିତ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକ ଥିଲା ଜଳ ସମ୍ବଳ ବିଭାଗ ଅଧିନସ୍ଥ ତ୍ୱରିତ ଜଳସେଚନ ଲାଭ କାର୍ଯ୍ୟକ୍ରମ (355.57 କୋଟି ଟଙ୍କା), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ (254.86 କୋଟି ଟଙ୍କା).
- ବଜେଟ ଅଟକଳ (1,284.91 କୋଟି ଟଙ୍କା) ଠାରୁ ଋଣ ଏବଂ ଅଗ୍ରୀମ ବାବଦରେ ଖର୍ଚ୍ଚ (1,170.31 କୋଟି ଟଙ୍କା) 8.91 ପ୍ରତିଶତ କମ୍ ଥିଲା । ଏହାର କାରଣ ଥିଲା କୃଷି ଓ ପଶୁପାଳନ ଋଣରେ (40 କୋଟି) ଏବଂ ସମବାୟ ଋଣରେ (50 କୋଟିଟଙ୍କା)ର ସମର୍ପଣ ।
- ସରକାରୀ ଋଣ ପରିଶୋଧ (3,939.70 କୋଟିଟଙ୍କା) ବଜେଟ ଅଟକଳ (4,157 କୋଟିଟଙ୍କା) ଠାରୁ 5.2 ପ୍ରତିଶତ କମ୍ ଥିଲା । ଏହା ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରିୟ କ୍ଷୁଦ୍ର ଜମା ସୁରକ୍ଷା ପାଣ୍ଠି (ଏନଏସଏଫ) (177.16 କୋଟି ଟଙ୍କା) କୁ ସ୍ୱତନ୍ତ୍ର ସୁରକ୍ଷା ପ୍ରେରଣ ପ୍ରସ୍ତାବକୁ ଅଗ୍ରାହ୍ୟ କରିବାରୁ ହେଲା ।

### *2.2.2 ଅନୁଦାନ ଅନୁଯାୟୀ ବିଶ୍ଳେଷଣ*

ବଜେଟ ମାନୁଆଲ ଅନୁଯାୟୀ, ଗୋଟିଏ ଅନୁଦାନର ସମସ୍ତ ପଦ୍ଧତି ଓ ସେହି ଅନୁଦାନର ସୁବିନିଯୋଗର ନୀରିକ୍ଷଣ ନିମନ୍ତେ ଅନୁଦାନକୁ ମଂଜୁରୀ ଦେଇଥିବା ଅଧିକାରୀ ହିଁ ଉତ୍ତରଦାୟୀ । ଓଡ଼ିଶା ସରକାରଙ୍କ ଖର୍ଚ୍ଚ 43 ଟି ଭିନ୍ନ ଅନୁଦାନ ମାଧମରେ ହୋଇଥାଏ । ଅଧିକ ଖର୍ଚ୍ଚ ଅଥବା ସଂଚୟକୁ ନିର୍ଦ୍ଧାରିତ କରିବା ପାଇଁ, ନିର୍ଦ୍ଧାରିତ ଓ ଅନୁମୋଦିତ ରାଜସ୍ୱ ଏବଂ ପୁଞ୍ଜି ଓ

ନିର୍ଦ୍ଧାରିତ ଋଣକୁ ସ୍ୱାଧୀନ ଅନୁଦାନ ଭାବେ ବିଚାର କରାଯାଇଥାଏ । ସଂଚୟ ଓ ଅଧିକା ଖର୍ଚ୍ଚ, ଯାହାକୁ ରାଜସ୍ୱ, ପୁଞ୍ଜି, ଋଣ ଏବଂ ଅଗ୍ରୀମର ବିନିଯୋଗ ପାଇଁ ବ୍ୟବହାର କରାଯାଏ । ତାହା ସାରଣୀ 2.2 ରେ ପ୍ରଦତ୍ତ ।

**ସାରଣୀ 2.2: ଭିନ୍ନ ଅନୁଦାନଗୁଡ଼ିକ ଅଧିନରେ ମୋଟ ବଳକା ଏବଂ ସଂଚୟ**

| ବର୍ଣ୍ଣନ | ରାଜସ୍ୱ | | ପୁଞ୍ଜି | | ଋଣ ଏବଂ ଅଗ୍ରୀମ | | ପରିମାଣ (କୋଟି ଟଙ୍କାରେ) |
|---|---|---|---|---|---|---|---|
| | ଅନୁଦାନ ସଂଖ୍ୟା [7] | ବିନିଯୋଗ ସଂଖ୍ୟା [8] | ଅନୁଦାନ ସଂଖ୍ୟା | ବିନିଯୋଗ ସଂଖ୍ୟା | ଅନୁଦାନ ସଂଖ୍ୟା | ବିନିଯୋଗ ସଂଖ୍ୟା | |
| ସଂଚୟ ଘଟିଥିବା | 43 | 1 | 34 | 1 | -- | 1 | 18,895.73 |
| ଅତ୍ୟଧିକ ବ୍ୟୟ ଘଟିଥିବା | 1 | -- | 1 | -- | -- | -- | 173.42 |

ଉତ୍ସ : ବିନିଯୋଗ ହିସାବ

2018-19 ରେ 100 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅନୁଦାନ/ବିନିଯୋଗ ନିର୍ଦ୍ଧାରିତ ରାଶି ଠାରୁ 20 ପ୍ରତିଶତ ଅଧିକ ହୋଇଥିବା ଅନୁଦାନ ଓ ବିନିଯୋଗର ଏକ ତାଲିକା ପରିଶିଷ୍ଟ 2.1 ରେ ପ୍ରଦତ୍ତ ।

### 2.2.2.1 *ଅଧିକ ଖର୍ଚ୍ଚ*

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 204 (3) ଅନୁସାରେ ବ୍ୟବସ୍ଥିତ ଆଇନ ଦ୍ୱାରା ଅନୁମୋଦନ ବ୍ୟତୀତ ରାଜ୍ୟ ଏକୀକୃତ ପାଣ୍ଠିରୁ କୌଣସି ଅର୍ଥ ପ୍ରତ୍ୟାହାର କରାଯାଇପାରିବ ନାହିଁ ।

***ଚଳିତ ବର୍ଷର ଅଧିକ ଖର୍ଚ୍ଚ*** – 2018-19 ଆର୍ଥିକ ବର୍ଷରେ ଦୁଇଟି ଅନୁଦାନରେ 173.42 କୋଟି ଟଙ୍କା [9] ଅଧିକ ଖର୍ଚ୍ଚ କରାଯାଇଥିଲା । ଅନୁଦାନ କ୍ରମାଙ୍କ 7 (ନିର୍ଦ୍ଧାରିତ ପୁଞ୍ଜି) ଏବଂ ଅନୁଦାନ କ୍ରମାଙ୍କ 8 (ରାଜ୍ୟ ବିଧାନ ସଭା) (ନିର୍ଦ୍ଧାରିତ ରାଜସ୍ୱ) ।

***ବିଗତ ବର୍ଷମାନଙ୍କରେ ଅଧିକ ଖର୍ଚ୍ଚ*** : ପ୍ରାୟ ପ୍ରତିବର୍ଷ ଅଧିକ ଖର୍ଚ୍ଚ ସଂବଧରେ ରାଜ୍ୟ ଆର୍ଥିକ ସ୍ଥିତି ପ୍ରତିବେଦନ ମାଧ୍ୟମରେ ପ୍ରତିବେଦିତ କରାଯାଇଥାଏ । 2013-14 ଠାରୁ 2017-18 ମଧ୍ୟରେ ପାଞ୍ଚଟି ଅନୁଦାନ ଏବଂ ଗୋଟିଏ ବିନିଯୋଗ ଅଧିନରେ ଛଅଟି କ୍ଷେତ୍ରରେ 79.60 କୋଟି ଟଙ୍କା ଅଧିକ ଖର୍ଚ୍ଚର ବିବରଣ ସାରଣୀ 2.3 ରେ ପ୍ରଦତ୍ତ ହୋଇଅଛି ।

**ସାରଣୀ 2.3: ଶେଷ ଚାରି ବର୍ଷରେ ହୋଇଥିବା ଅତ୍ୟଧିକ ବ୍ୟୟର ଅନୁଦାନ**

(କୋଟି ଟଙ୍କାରେ)

| କ୍ରମିକ ସଂଖ୍ୟା | ସଂଖ୍ୟା ଓ ଅନୁଦାନର ନାମ | ଅତ୍ୟଧିକ ବ୍ୟୟ | | | | ମୋଟ |
|---|---|---|---|---|---|---|
| | | 2013-14 | 2015-16 | 2016-17 | 2017-18 | |
| ରାଜସ୍ୱ (ଅନୁମୋଦିତ) | | | | | | |
| 1. | 22-ଜଙ୍ଗଲ ଓ ପରିବେଶ | 0.29 | 0.25 | - | - | 0.54 |
| 2. | 26- ଅବକାରୀ | 0.27 | 0.01[10] | - | - | 0.28 |
| 3. | 31- ହସ୍ତତନ୍ତ, ବୁଣା ଏବଂ ହସ୍ତଶିଳ୍ପ | 18.00 | - | - | - | 18.00 |
| 4. | 6003- ଆଭ୍ୟନ୍ତରୀଣ ଋଣ | - | - | 56.63 | - | 56.63 |
| 5. | 8-ଓଡ଼ିଶା ବିଧାନ ସଭାରେ ହୋଇଥିବା ବ୍ୟୟ | - | - | - | 0.52 | 0.52 |
| ପୁଞ୍ଜି (ଅନୁମୋଦିତ) | | | | | | |
| 6. | 13- ଗୃହ ଓ ନଗର ଉନ୍ନୟନ | - | - | 3.63 | - | 3.63 |
| | ମୋଟ | **18.56** | **0.26** | **60.26** | **0.52** | **79.60** |

**ଉତ୍ସ : ସଂପୃକ୍ତ ବର୍ଷମାନଙ୍କ ପାଇଁ ବିନିଯୋଗର ହିସାବ**

---

[7] ଅନୁଦାନ ବ୍ୟବସ୍ଥା ବିଧାନ ସଭା ସଭ୍ୟଙ୍କ ଦ୍ୱାରା ଅନୁମୋଦିତ କରାଯାଇଥାଏ ।

[8] ବଜେଟ ଅଟକଳକୁ ଖର୍ଚ୍ଚ କରିବା ପାଇଁ ସିଧାସଳଖ ବ୍ୟବସ୍ଥିତ କରିବାକୁ ବିନିଯୋଗ କୁହାଯାଏ ଏବଂ ଏହା ବିଧାନ ସଭାରେ ଅନୁମୋଦିତ କରାଯାଏ ନାହିଁ ।

[9] ଅନୁଦାନ ସଂଖ୍ୟା .7- 16,97,633,000 ଟଙ୍କା ଏବଂ ଅନୁଦାନ ସଂଖ୍ୟା.8 - 36,528,000 ଟଙ୍କା 2018-19 ବର୍ଷ ପାଇଁ

[10] ମାତ୍ର 87,887 ଟଙ୍କା

ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ଅନୁଦାନ ଠାରୁ ଅଧିକ ଖର୍ଚ୍ଚର ପୁନରାବୃତ୍ତି ବିଧାନ ସଭାର ଇଚ୍ଛା ଓ ଗଣତନ୍ତ୍ରର ମୌଳିକ ନିୟମର ଉଲ୍ଲଙ୍ଘନ ଅଟେ । ଯାହା ଲୋକସଭା /ରାଜ୍ୟ ବିଧାନ ସଭାର ବିନା ଅନୁମୋଦନରେ କୌଣସି ଟଙ୍କା ଖର୍ଚ୍ଚ କରାଯାଇ ପାରିବ ନାହିଁ ଏବଂ ଏହାକୁ ସଂଘାତିକ ଭାବେ ଦେଖିବା ଆବଶ୍ୟକ ।

*ସୁପାରିଶ 4: ରାଜ୍ୟ ସରକାର ଅଧିକ ଖର୍ଚ୍ଚର କାରଣକୁ ବିଶ୍ଳେଷଣ କରନ୍ତୁ । ଅର୍ଥ ବିଭାଗ ସୁନିଶ୍ଚିତ କରିବା ଉଚିତ୍ ଯେ, ନିଜ ବିଭାଗ ସହିତ କୌଣସି ବିଭାଗୀୟ ନିୟନ୍ତ୍ରଣ ଅଧିକାରୀ ବିଧାନ ସଭା ଅନୁମୋଦିତ ଅନୁଦାନ ଠାରୁ ଅଧିକ ଖର୍ଚ୍ଚ କରିବେ ନାହିଁ।*

### 2.2.2.2 ଅଧିକ ଖର୍ଚ୍ଚର ଆବଶ୍ୟକୀ ନିୟମିତକରଣ

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 205 ଅନୁଯାୟୀ ଅଧିକ ଖର୍ଚ୍ଚକୁ ରାଜ୍ୟ ବିଧାନ ସଭା ଦ୍ୱାରା ନିୟମିତ କରାଇବା ରାଜ୍ୟ ସରକାରଙ୍କ ପାଇଁ ପାଳନୀୟ । ସରକାରୀ ହିସାବ କମିଟି ଦ୍ୱାରା ବିନିଯୋଗ ହିସାବର ଆଲୋଚନା ପରେ ଅଧିକ ଖର୍ଚ୍ଚ ନିୟମିତ କରାଯିବାର ଥିଲା । ଏହି ଉପଲକ୍ଷେ ସଂପୃକ୍ତ ବିଭାଗ ଅର୍ଥ ବିଭାଗ ଜରିଆରେ ଅଧିକ ଖର୍ଚ୍ଚ ପାଇଁ ବ୍ୟାଖ୍ୟାତ୍ମକ ଟିପ୍ପଣୀ ସରକାରୀ ହିସାବ କମିଟି ନିକଟରେ ଉପସ୍ଥାପନ କରିବା ଆବଶ୍ୟକ ।

ରାଜ୍ୟ ସରକାର 2013-14 ରୁ 2017-18 ମଧ୍ୟରେ ଅନୁଦାନ ଠାରୁ ଅଧିକ ଖର୍ଚ୍ଚ କରିଥିବା 79.60 କୋଟି ଟଙ୍କା ଏବଂ ବର୍ଷର 2018-19 ଅବଧିରେ ଖର୍ଚ୍ଚ କରିଥିବା 173.42 କୋଟି ଟଙ୍କାକୁ ମାର୍ଚ୍ଚ 2020 ସୁଦ୍ଧା ନିୟମିତ କରିବାରେ ବିଫଳିତ ହୋଇଥିଲା ।

ଏହା ସମ୍ବିଧାନର ଅନୁଚ୍ଛେଦ 204 ର ବିରୁଦ୍ଧାଚରଣ କରୁଛି କି ଯାହା ଅନୁସାରେ ରାଜ୍ୟ ବିଧାନ ସଭାର ବିନା ଅନୁମୋଦନରେ ଏକତ୍ରୀକରଣ ପାଣ୍ଠିରୁ କୌଣସି ଟଙ୍କା ଉଠାଇ ହେବ ନାହିଁ । ଏହା ବଜେଟ୍ ଓ ଆର୍ଥିକ ପରିଚାଳନା ପଦ୍ଧତିକୁ କଳୁଷିତ କରୁଛି ଏବଂ ସରକାରୀ କ୍ଷେତ୍ରର ପରିଚାଳନାରେ ଆର୍ଥିକ ବିଶୃଙ୍ଖଳତାକୁ ଉତ୍ସାହିତ କରୁଛି ।

ସରକାର ତାଙ୍କ ଉତ୍ତରରେ ଅଧିକ ଖର୍ଚ୍ଚକୁ ନିୟମିତ କରିବା ପାଇଁ ପଦକ୍ଷେପ ନିଆଯିବା ବିଷୟ ବ୍ୟକ୍ତ କରିଥିଲେ (ମଇ 2020) ।

***ସୁପାରିଶ 5:*** *ସମସ୍ତ ଅଧିକ ଖର୍ଚ୍ଚ ଘଟଣାଗୁଡ଼ିକୁ ଯଥାଶିଘ୍ର ନିୟମିତ କରିବା ଦରକାର ଏବଂ ଭବିଷ୍ୟତରେ ଏପରି ଅଧିକ ଖର୍ଚ୍ଚକୁ ସୂପୂର୍ଣ୍ଣ ଭାବରେ ବନ୍ଦ କରିବା ଦରକାର ।*

### 2.2.2.3 ସଂଚୟ

2018-19 ବର୍ଷରେ ମୋଟ ସଂଚୟ 18,895.73 କୋଟି ଟଙ୍କା ଥିଲା । ଏଥି ମଧ୍ୟରୁ 7,037.92 କୋଟି ଟଙ୍କା (37.25 ପ୍ରତିଶତ) ସାତଟି ଅନୁଦାନ ଓ ଗୋଟିଏ ବିନିଯୋଗ କ୍ଷେତ୍ରରେ 100 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସଂଚୟ ସହିତ ମୋଟ ଅନୁଦାନର 20 ପ୍ରତିଶତରୁ ଅଧିକ ସମ୍ବନ୍ଧରେ ଥିଲା (**ପରିଶିଷ୍ଟ -2.1**) । 2018-19 ବର୍ଷରେ ଜଳ ସମ୍ପଳ ବିଭାଗ (ଅନୁଦାନ ସଂଖ୍ୟା 20) ଅଧିନରେ 8476.57 କୋଟି ଟଙ୍କା (ପାଣ୍ଠି ନିର୍ଦ୍ଧାରିତ) ବଜେଟ ଆକଳନ ଥିବା ବେଳେ 2,762.66 କୋଟି ଟଙ୍କା (32.59 ପ୍ରତିଶତ) ସଞ୍ଚୟ ହୋଇଥିଲା ।

ଆହୁରି ମଧ୍ୟ 2014-19 ବର୍ଷଗୁଡ଼ିକରେ କେତେକ କ୍ଷେତ୍ରରେ 100 କୋଟିରୁ ଉର୍ଦ୍ଧ୍ୱ ଲେଖାଏଁ ସଂଚୟ ବଳବତ୍ତର ରହିଥିଲା । ଯାହା ସାରଣୀ 2.4 ରେ ଦର୍ଶାଯାଇଛି ।

**ସାରଣୀ 2.4: 2014-19 ବର୍ଷ ମଧ୍ୟରେ ଅନୁଦାନ /ବିନିଯୋଗର କ୍ରମାଗତ ସଂଚୟ**

| କ୍ର. ସଂ | ଅନୁମୋଦନ ସଂଖ୍ୟା | ଅନୁମୋଦନ ବିନିଯୋଗର ନାମ | ସଂଚୟରାଶିର ପରିମାଣ କୋଟି ଟଙ୍କାରେ (ପ୍ରତିଶତ) | | | | |
|---|---|---|---|---|---|---|---|
| | | | 2014-15 | 2015-16 | 2016-17 | 2017-18 | 2018-19 |
| **ରାଜସ୍ୱ (ଅନୁମୋଦିତ)** | | | | | | | |
| 1 | 1 | ଗୃହ | 178.91 (6) | 255.57 (8) | 289.00 (8) | 384.58 (9) | 408.71 (8.75) |
| 2 | 3 | ରାଜସ୍ୱ ଏବଂ ବିପର୍ଯ୍ୟୟ | 1,247.47 | 2,038.41 | 1,889.79 | 182.04 | 178.24 |

| କ୍ର. ସଂ | ଅନୁମୋଦନ ସଂଖ୍ୟା | ଅନୁମୋଦନ ବିନିଯୋଗର ନାମ | ସଂଚୟରାଶିର ପରିମାଣ କୋଟି ଟଙ୍କାରେ (ପ୍ରତିଶତ) | | | | |
|---|---|---|---|---|---|---|---|
| | | | 2014-15 | 2015-16 | 2016-17 | 2017-18 | 2018-19 |
| | | ପରିଚାଳନା | (36) | (39) | (37) | (19) | (17.57) |
| 3 | 5 | ଅର୍ଥ | 2,052.78 (23) | 3,233.94 (33) | 4,431.05 (38) | 4,177.53 (32) | 2,774.22 (19.43) |
| 4 | 10 | ବିଦ୍ୟାଳୟ ଓ ଗଣଶିକ୍ଷା | 1,414.78 (15) | 1,942.82 (18) | 1,637.59 (14) | 2,081.16 (15) | 1,524.38 (9.97) |
| 5 | 11 | ଅନୁସୂଚିତ ଜନଜାତି ଏବଂ ଜନଜାତି ବିକାଶ ଓ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ | 373.64 (20) | 316.00 (14) | 359.40 (15) | 281.33 (11) | 577.35 (16.85) |
| 6 | 12 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | 651.88 (19) | 222.71 (7) | 406.52 (9) | 516.22 (11) | 456.53 (8.17) |
| 7 | 17 | ପଂଚାୟତି ରାଜ ଓ ପାନୀୟ ଜଳ | 2,064.92 (30) | 1,439.68 (16) | 664.93 (7) | 1,971.73 (18) | 1,419.94 (10.09) |
| 8 | 20 | ଜଳ ସଂପଦ | 333.91 (19) | 152.85 (8) | 129.86 (6) | 241.00 (11) | 280.22 (13.62) |
| 9 | 36 | ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି | 1,107.72 (24) | 351.31 (9) | 798.74 (27) | 922.38 (29) | 424.25 (11.89) |

**ଉତ୍ସ : ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷମାନଙ୍କର ବିନିଯୋଗର ହିସାବ । (ଦ୍ରଷ୍ଟବ୍ୟ : ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ମୋଟ ଅନୁଦାନର ପ୍ରତିଶତ) ।**

ଅନୁସୁଚିତ ଜାତିଓ ଜନ ଜାତି କଲ୍ୟାଣ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ପଂଚାୟତି ରାଜ ଏବଂ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜଳ ସମ୍ପଦ ବିଭାଗ ଗୁଡ଼ିକ ଅଧିନରେ ଅଧିନରେ ହୋଇଥିବା କ୍ରମାଗତ ସଂଚୟ ସରକାରଙ୍କ ଠାରୁ ଆବଶ୍ୟକୀୟ ପ୍ରାଥମିକତା ପାଉ ନଥିବା ତଥା ସଂପୃକ୍ତ ବିଭାଗ / କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ଦ୍ୱାରା କାର୍ଯ୍ୟାନ୍ୱୟନରେ ଅପାରଗତା ବିଷୟକୁ ସୂଚିତ କରୁଥିଲା ।

### *2.2.3 ଅନୁପୂରକ ଅନୁଦାନ*

26 ଟି ଅନୁଦାନ (**ପରିଶିଷ୍ଟ 2.2** ) ସଂପର୍କୀତ 33 ଟି କ୍ଷେତ୍ରରେ 5,539.98 କୋଟି ଟଙ୍କାର ଅନୁପୁରକ ଅନୁଦାନ[11] (1 କୋଟି ଟଙ୍କାରୁ ଉର୍ଦ୍ଧ୍ୱ) ଯାହା ମୋଟ ଅନୁପୁରକ ଅନୁଦାନର 43.31 ପ୍ରତିଶତ ଥିଲା, ତାହା ଅନାବଶ୍ୟକୀୟ ଥିବା ବିଷୟ ସମୀକ୍ଷା ବିଶ୍ଳେଷଣରେ ଜଣା ପଡ଼ିଲା । 12 ଟି ଅନୁଦାନ ଏବଂ ଗୋଟିଏ ଅନୁମୋଦନ **(ପରିଶିଷ୍ଟ 2.3)** ଅନ୍ତର୍ଗତ 18 ଟି କ୍ଷେତ୍ରରେ ବ୍ୟବସ୍ଥିତ ମୋଟ 6,958.07 କୋଟି ଟଙ୍କାର ଅନୁପୁରକ ଅନୁଦାନରେ 2,598.65 କୋଟି ଟଙ୍କା ଅଧିକ ହୋଇଥିବା ପ୍ରମାଣିତ ହୋଇଥିଲା । ଅନ୍ୟପକ୍ଷରେ ଆଠଟି ଅନୁଦାନ (**ପରିଶିଷ୍ଟ 2.4**) ଅନ୍ତର୍ଗତ ନଅଟି କ୍ଷେତ୍ରରେ 797.30 କୋଟି ଟଙ୍କାର ଅନୁପୁରକ ଅନୁଦାନ ପର୍ଯ୍ୟାପ୍ତ ନ ଥିଲା (ରେଖାଚିତ୍ର–2.3) ହୋଇଥିଲା ।

---

11 ଅନୁପୂରକ ଅନୁଦାନ ହେଉଛି ସମ୍ବିଧାନର 205 ଅନୁଚ୍ଛେଦ ଅନୁସାରେ ଅନୁପୂରକ ଖର୍ଚ୍ଚର ବିବରଣ ଗୋଟିଏ ଆର୍ଥିକ ବର୍ଷରେ ବିଧାନ ସଭାରେ ଉପସ୍ଥାପିତ ହୋଇ ବିଧାନ ସଭାରେ ନିର୍ଦ୍ଧାରିତ ହେବା ।

**ଚାର୍ଟ 2.3: ଅନାବଶ୍ୟକ, ଅତ୍ୟଧିକ ଏବଂ ଅପର୍ଯ୍ୟାପ୍ତ ଅନୁପୂରକ ବ୍ୟବସ୍ଥା**




**ଉତ୍ସ : ବିନିଯୋଗ ହିସାବ**

## *2.2.4 ପୁର୍ନବିନିଯୋଗ*

ସଂଜ୍ଞା ଅନୁସାରେ ସମାନ ଅନୁଦାନ ତଥା ବିଭାଗ (ପୁଞ୍ଜି, ରାଜସ୍ୱ କିମ୍ବା ଋଣ) ଅନ୍ତର୍ଗତ ଗୋଟିଏ ପରିକଳ୍ପନା/ ୟୁନିଟର ସଂଚୟକୁ ଅନ୍ୟଗୋଟିଏ ପରିକଳ୍ପନାକୁ ସ୍ଥାନାନ୍ତର ନିମନ୍ତେ ପୁର୍ନବିନିଯୋଗ ବ୍ୟବସ୍ଥିତ କୁହାଯାଏ । ତିନୋଟି କ୍ଷେତ୍ରରେ ପୁର୍ନବିନିଯୋଗ ଅନାବଶ୍ୟକ / ଅଧିକ ଥିବା ଏବଂ ନଅଟି କ୍ଷେତ୍ରରେ ଏହା ଅପର୍ଯ୍ୟାପ୍ତ ଥିବା ପ୍ରମାଣିତ ହୋଇଥିଲା। ଏହାଦ୍ୱାରା 231.58 କୋଟି ଟଙ୍କାର କମ୍ ଏବଂ 562.40 କୋଟି ଟଙ୍କାର ଅଧିକ ଖର୍ଚ୍ଚ ହୋଇଥିଲା । ଯାହାର ବିବରଣ (ପିରଶିଷ୍ଟ – 2.5) ରେ ଦର୍ଶାଯାଇଛି ।

2018-19 ବର୍ଷରେ 9,458.14 କୋଟି ଟଙ୍କା (918 ବିଷୟର) ପୁର୍ନବିନିଯୋଗ ଆଦେଶ ଜାରି କରାଯାଇଥିଲା।

ପୁର୍ନବିନିଯୋଗର ସମୀକ୍ଷା ବିଶ୍ଳେଷଣ ନିମ୍ନରେ ଚିତ୍ରିତ କରାଯାଇଛି :

**ରେଖାଚିତ୍ର 2.4: ସର୍ବମୋଟ ବଜେଟ ଉପରେ ପୁର୍ନବିନିଯୋଗ**




ଉତ୍ସ : ବିନିଯୋଗ ହିସାବ

ପୁର୍ନବିନିଯୋଗର ସମୟସୀମା 26-02-2019 ଥିବା ବିଷୟ ଅର୍ଥ ସୂଚିତ କରିଥିଲେ (ଫେବୃଆରୀ 2019) । ଏହାସତ୍ତ୍ୱେ 21 ଟି କ୍ଷେତ୍ରରେ 3,410 କୋଟି ଟଙ୍କାର (ଏକ କୋଟିରୁ ଉର୍ଦ୍ଧ୍ୱ 12 ଟି ବିଷୟରେ ଯାହା ପରିଶିଷ୍ଟ 2.6 ରେ ପ୍ରଦତ୍ତ) ପୁର୍ନବିନିଯୋଗ ଆଦେଶ 2018-19 ବର୍ଷରେ ଶେଷ ଦିନରେ ଜାରି କରାଯାଇଥିଲା ଯେଉଁଥିପାଇଁ 2018-19 ବର୍ଷର ଏହାକୁ ଖର୍ଚ୍ଚ କରିବାର କୌଣସି ଆବଶ୍ୟକତା ନ ଥିଲା ଯାହା ପରିଶିଷ୍ଟ 2.6 ରେ ପ୍ରଦତ୍ତ।

ଖର୍ଚ୍ଚ ନିୟନ୍ତ୍ରଣ ପ୍ରକ୍ରିୟା ପର୍ଯ୍ୟାପ୍ତ ନଥିବା ଏବଂ ପୁର୍ନବିନିଯୋଗ ରିଅଲ ଟାଇମ ତଥ୍ୟ ଭିତ୍ତିକ ହୋଇନଥିବା ବିଷୟକୁ ଏହା ସୂଚିତ କରୁଥିଲା ।

**ସୁପାରିଶ** – 6 ସୂଚନା ପ୍ରଯୁକ୍ତି ବିଦ୍ୟାର ସଦୁପଯୋଗ ପୂର୍ବକ ରାଜ୍ୟ ସରକାର ପ୍ରତିଶୃତି ଯୁକ୍ତ ଖର୍ଚ୍ଚ ଏବଂ ବାସ୍ତବ ପ୍ରାପ୍ତିର ପୁର୍ନବିନିଯୋଗ ରିଅଲ ଟାଇମ ତଥ୍ୟ ଭିତ୍ତିରେ ଜାରି କରିବା ଉଚିତ୍ ।

### 2.2.5 ମାତ୍ରାଧିକ ଫେରସ୍ତ

13 ଟି ଅନୁମୋଦନ ଅର୍ନ୍ତଗତ 27 ଟି ଘଟଣାରେ (ପ୍ରତି କ୍ଷେତ୍ରରେ 10 କୋଟି ଟଙ୍କା କିମ୍ବା ଉର୍ଦ୍ଧ୍ୱ) 1,304.17 କୋଟି ଟଙ୍କାର ମୋଟ ଅନୁଦାନର ଶତ ପ୍ରତିଶତ ଅର୍ଥ ଫେରସ୍ତ ହୋଇଥିଲା ଏଗୁଡ଼ିକ ବିଭିନ୍ନ ପରିକଳ୍ପନା / କାର୍ଯ୍ୟକ୍ରମ / ପ୍ରକଳ୍ପ ତଥା କ୍ରିୟାକଳାପ ସଂପର୍କିତ ଥିଲା (ପରିଶିଷ୍ଟ – 2.7) । ସେହିପରି 2016-17 ଏବଂ 2017-18 ଅବଧିରେ ଯଥାକ୍ରମେ 1,788.12 କୋଟି ଟଙ୍କା (15 ଟି ଅନୁଦାନ) ଏବଂ 2,686.12 କୋଟି ଟଙ୍କା (17 ଟି ଅନୁଦାନ) ଫେରସ୍ତ କରାଯାଇଥିଲା । ଭାରତ ସରକାରଙ୍କ ଠାରୁ କେନ୍ଦ୍ରିୟ ଅଂଶ ପ୍ରାପ୍ତ ନ ହେବା, ଟେଣ୍ଡର ଚୂଡ଼ାନ୍ତ ନହେବା ପ୍ରକଳ୍ପ ଗୁଡ଼ିକରେ କାର୍ଯ୍ୟାନ୍ୱୟନ ନହେବା, ନୀତି ଚୂଡ଼ାନ୍ତ ନହେବା ଇତ୍ୟାଦି ଏହି ଫେରସ୍ତର ପ୍ରମୁଖ କାରଣ ଥିଲା।

### 2.2.6 ସଂଚୟ ଅପେକ୍ଷା ଅଧିକ ପ୍ରତ୍ୟାର୍ପଣ

ତିନୋଟି (ତିନୋଟି ଅନୁଦାନ) କ୍ଷେତ୍ରରେ 590.48 କୋଟି ଟଙ୍କା ସଂଚୟ ହୋଇଥିଲା ବେଳେ 624.21 କୋଟି ଟଙ୍କା ପ୍ରତ୍ୟାର୍ପଣ କରାଯାଇଥିଲା । ଯାହା ଫଳରେ 33.73 କୋଟି ଟଙ୍କା (ଏକ କୋଟି କିମ୍ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ କ୍ଷେତ୍ରରେ) ଅଧିକ ପ୍ରତ୍ୟାର୍ପଣ ହୋଇଥିଲା, ଯାହାକି ସାରଣୀ 2.5 ରେ ନିମ୍ନମତେ ଦର୍ଶାଯାଇଛି।

ସାରଣୀ **2.5:** 2018-19 ଆର୍ଥିକ ବର୍ଷରେ ବାସ୍ତବ ସଂଚୟ ଠାରୁ ଅଧିକ ପ୍ରତ୍ୟାର୍ପଣର ବିବରଣ

(କୋଟି ଟଙ୍କାରେ)

| କ୍ର.ସଂ | ଅନୁଦାନ/ବିନିଯୋଗର ସଂଖ୍ୟା ଓ ନାମ | ସର୍ବମୋଟ ଅନୁଦାନ / ବିନିଯୋଗ | ସଂଚୟ | ପ୍ରତ୍ୟାର୍ପଣ ରାଶି | ଅଧିକ ପ୍ରତ୍ୟାର୍ପଣ ରାଶି |
|---|---|---|---|---|---|
| 1 | 07-ପୂର୍ତ୍ତ (ପୁଞ୍ଜି ଅନୁମୋଦିତ) | 2,693.73 | 0 | 22.41 | 22.41 |
| 2 | 08-ଓଡ଼ିଶା ବିଧାନ ସଭା (ରାଜସ୍ୱ ଅନୁମୋଦିତ) | 58.25 | 0 | 6.14 | 6.14 |
| 3 | 23- କୃଷି ଏବଂ କୃଷକ ସଶକ୍ତିକରଣ (ରାଜସ୍ୱ ଅନୁମୋଦିତ) | 4,695.30 | 590.48 | 595.66 | 5.18 |
| | ମୋଟ | **7447.28** | **590.48** | **624.21** | **33.73** |

ଉତ୍ସ : 2018-19 ବର୍ଷର ବିନିଯୋଗ ହିସାବ

ଏହି ଅଧିକ ପ୍ରତ୍ୟାର୍ପଣରୁ ସୂଚିତ ହୁଏ ଯେ, ବିଭାଗ ଗୁଡ଼ିକ ମାସିକ ଖର୍ଚ୍ଚ ବିବରଣୀ ମାଧ୍ୟମରେ ବ୍ୟୟର ହିସାବ ଆବଶ୍ୟକୀୟ ବଜେଟ ନିୟନ୍ତ୍ରଣ ରଖିବାରେ ବିଫଳ ହୋଇଥିଲେ ।

### 2.2.7 ଫେରସ୍ତ ହୋଇନଥିବା ପ୍ରତ୍ୟାଶିତ ସଂଚୟ

ଓଡ଼ିଶା ବଜେଟ ମାନୁଆଲ ନିୟମ 146 ଅନୁଯାୟୀ ଖର୍ଚ୍ଚ କରୁଥିବା ବିଭାଗ ଗୁଡ଼ିକ ସମ୍ଭାବିତ ସଂଚୟ କ୍ଷେତ୍ରମାନଙ୍କରେ ଅନୁଦାନ ବିନିଯୋଗ ରାଶି କିମ୍ବା ତାର ଅଂଶ ବିଶେଷକୁ ଅର୍ଥ ବିଭାଗକୁ ଫେରସ୍ତ କରିବା ଉଚିତ୍। ଅର୍ଥ ବିଭାଗର ଆଦେଶ (7 ଫେବୃୟାରୀ 2018) ଅନୁଯାୟୀ, ବ୍ୟୟ ହୋଇନଥିବା ରାଶି 28-02-2019 ସୁଦ୍ଧା କିମ୍ବା ତା ପୂର୍ବରୁ ଫେରସ୍ତ ହେବା ଉଚିତ୍ ।

ଅନୁଦାନ ଗୁଡ଼ିକର ସଂଚୟ ଓ ସଂପୃକ୍ତ ବିଭାଗଗୁଡ଼ିକ ଦ୍ୱାରା ସେଗୁଡ଼ିର ପ୍ରତ୍ୟାର୍ପଣର ସମୀକ୍ଷା ନିମ୍ନଲିଖିତ ତଥ୍ୟଗୁଡ଼ିକୁ ଦର୍ଶାଉଛି ।

- ସର୍ବମୋଟ ସଂଚୟ ଯେତେବେଳେ 8,457.43 କୋଟି ଟଙ୍କା (10 କ୍ଷେତ୍ରରେ) ଥିଲା, ମାତ୍ର 7,803.26 କୋଟି ଟଙ୍କା ପ୍ରତ୍ୟାର୍ପଣ କରାଯାଇଥିଲା । (ପ୍ରତି କ୍ଷେତ୍ରରେ ଏକ କୋଟି କିମ୍ବା ତା'ଠାରୁ ଅଧିକ ପ୍ରତ୍ୟର୍ପଣ ହେଲା । ଯେଉଁଥିରେ କି 654.17 କୋଟି ଟଙ୍କା (ମୋଟ ସଂଚୟର 7.73 ପ୍ରତିଶତ) ଫେରସ୍ତ ନ ହୋଇ ବାକି ରହି ଯାଇଥିଲା । ପରିଶିଷ୍ଟ 2.8 ରେ ବିସ୍ତୃତ ଭାବରେ ବର୍ଣ୍ଣନା ହୋଇଅଛି । ସେହିପରି ବର୍ଷ 2016-17 ରେ 343.05 କୋଟି ଟଙ୍କା (17 ଟି କ୍ଷେତ୍ରରେ) ଏବଂ 2017-18 ରେ 1234.71 କୋଟି ଟଙ୍କା (11 ଟି କ୍ଷେତ୍ରରେ) ପ୍ରତ୍ୟାର୍ପଣ କରାଯାଇନଥିଲା ।
- ଏହାବ୍ୟତୀତ, ଆର୍ଥିକ ବର୍ଷର ଅନ୍ତିମ କାର୍ଯ୍ୟ ଦିବସରେ 5,529.21 କୋଟି ଟଙ୍କା, (18 ଟି ଅନୁଦାନ) 30 କ୍ଷେତ୍ରରେ (ପ୍ରତ୍ୟାର୍ପଣ ରାଶି 10 କୋଟି ଟଙ୍କାରୁ ଅଧିକ) ରେ ପ୍ରତ୍ୟାର୍ପଣ କରାଯାଇଥିଲା ଯାହା ପରିଶିଷ୍ଟ 2.9 ରେ ଦର୍ଶାଯାଇଅଛି । ସେହିପରି 8,448.64 କୋଟି ଟଙ୍କା (28 ଟି କ୍ଷେତ୍ରରେ) ଏବଂ 12,392.75 କୋଟି ଟଙ୍କା (45 ଟି କ୍ଷେତ୍ରରେ) ଆର୍ଥିକ ବର୍ଷ 2016-17 ଏବଂ 2017-18 ବର୍ଷର ଶେଷ କାର୍ଯ୍ୟାଦିବସରେ ପ୍ରତ୍ୟାର୍ପଣ କରାଯାଇଥିଲା ।

ମାର୍ଚ୍ଚ 2015 ସୁଦ୍ଧା ସମାପ୍ତ ହୋଇଥିବା ବର୍ଷର ରାଜ୍ୟ ଆର୍ଥିକ ଲେଖା ପରୀକ୍ଷା ପ୍ରତିବେଦନ ଅନୁଚ୍ଛେଦ 2.3.10 ର ଜବାବରେ ସରକାର ଦର୍ଶାଇଲେ ଯେ (ନଭେମ୍ବର 2015) ପ୍ରତ୍ୟାଶିତ ସଂଚୟର ପ୍ରତ୍ୟାର୍ପଣକୁ ସମ୍ମନ୍ୱିତ ଆର୍ଥିକ ପ୍ରବନ୍ଧନ ବ୍ୟବସ୍ଥା (ଆଇଏଫଏମଏସ) ସ୍ଥିରକୃତ ବ୍ୟୟ ସାମଞ୍ଜସ୍ୟ ମଡ୍ୟୁଲ ମାଧମରେ ସୁନିଶ୍ଚିତ କରାଯିବା କଥା । ଯାହାହେଉନା କାହିଁକି ଏହି ଅନିୟମିତତା ଗୁଡ଼ିକ ତଥାପି ଚାରି ବର୍ଷ ପରେ ମଧ ଚାଲୁରହିଛି ।

ଭଲ ଆର୍ଥିକ ପରିଚାଳନା ପାଇଁ ଅନୁମୋଦିତ ବଜେଟ୍ ବ୍ୟବସ୍ଥା ଅନୁସାରେ ଖର୍ଚ୍ଚର ପରିଚାଳନା ଲକ୍ଷ୍ୟରେ ଓଡ଼ିଶାରେ ଆଇଏଫ୍ଏମ୍ଏସ୍ 2013 ରେ ଆରମ୍ଭ ହେଲା । ଏହି ନଛୋଡ଼ବନ୍ଧା ଅବ୍ୟବସ୍ଥା ଗୁଡ଼ିକ ଯାହାହେଉ ଦର୍ଶାଉଛି ଯେ ସରକାରଙ୍କ ଦ୍ୱାରା ନଭେମ୍ବର 2015 ରେ ଦିଆଯାଇଥିବା ପ୍ରତିଶ୍ରୁତି ସତ୍ତ୍ୱେ ଆଇଏଫ୍ଏମ୍ଏସ୍‌ରୁ ବାଞ୍ଛିତ ଲାଭ ମିଳିଲା ନାହିଁ ।

ସୁପାରିଶ **7:** ସମସ୍ତ ପ୍ରତ୍ୟାଶା କରାଯାଇଥିବା ସଂଚୟ ଠିକ୍ ସମୟରେ ପ୍ରତ୍ୟାର୍ପଣ କରିବା ଉଚିତ୍ । ଯାହାଫଳରେ ପାଣ୍ଠିକୁ ଅନ୍ୟାନ୍ୟ ଉନ୍ନତିମୂଳକ ଉଦେଶ୍ୟରେ ବିନିଯୋଗ କରାଯାଇ ପାରିବ ।

### 2.2.8 *ଆର୍ଥିକ ବର୍ଷର ଶେଷ ଭାଗରେ ପାଣ୍ଠି ମଂଜୁର କରିବା*

ଅର୍ଥ ବିଭାଗର ଆଦେଶ (7 ଫେବୃଆରୀ 2019) ଅନୁସାରେ, ଆର୍ଥିକ ବର୍ଷର ଶେଷ ମାସରେ ଖର୍ଚ୍ଚର ଭିଡ଼କୁ ରୋକିବା ପାଇଁ ମଂଜୁରୀ ଆଦେଶ ନିର୍ଗମ କରିବାର ପ୍ରକ୍ରିୟା, ପାଣ୍ଠି ଖଲାସା କିମ୍ବା ପତ୍ୟାର୍ପଣ ଅର୍ଥ 26 ଫେବୃଆରୀ 2019 ସୁଦ୍ଧା ଶେଷ ହେବା ଉଚିତ୍ ।

କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ଠିକ୍ ସମୟରେ ପାଣ୍ଠି ମଂଜୁର କରିବା ଦ୍ୱାରା ବ୍ୟୟର କ୍ଷିପ୍ରତାକୁ ଏଡ଼ାଇ ଦିଆଯାଇ ପାରିବ । ମଂଜୁରୀ ଆଦେଶଗୁଡ଼ିକର ସମୀକ୍ଷା କରିବା ସମୟରେ ଏହା ଅବଗତ ହେଲା ଯେ, ସରକାର ମାର୍ଚ୍ଚ 2019 ଶେଷ ସପ୍ତାହରେ ଛଅଟି ବିଭାଗର ବିଭିନ୍ନ ପରିକଳ୍ପନାର କାର୍ଯ୍ୟାନ୍ୱୟନ ପାଇଁ 165.21 କୋଟି ଟଙ୍କା ଖଲାସ କରାଯାଇଥିଲା ଯାହା **ପରିଶିଷ୍ଟ 2.10** ରେ ପ୍ରଦତ୍ତ ହେଲା । ଏଥିରୁ 44.06 କୋଟି ଟଙ୍କା 30 ମାର୍ଚ୍ଚ 2019 ରେ ଖଲାସ କରାଯାଇଥିଲା । ଯାହାର ବିଶଦ ସାରଣୀ 2.6 ରେ ଦିଆଯାଇଛି । ଆର୍ଥିକ ବର୍ଷ 2018-19 ରେ ଏହି ପାଣ୍ଠିର ସଦୁପୋଯୋଗ ହେବାର ସମ୍ଭାବନା ନଥିଲା ।

ସାରଣୀ **2.6:** ବିଭାଗ ଅନୁଯାୟୀ 30-03-2019 ସୁଦ୍ଧା ପାଣ୍ଠିର ଖଲାସ

(କୋଟି ଟଙ୍କାରେ)

| କ୍ର. ସଂ | ବିଭାଗ ନାମ | ଉଦେଶ୍ୟ | ତାରିଖ | ପରିମାଣ | ମୋଟ ବିଭାଗ ଅନୁଯାୟୀ |
|---|---|---|---|---|---|
| 1 | ସ୍ୱାସ୍ଥ୍ୟ ଓ ନଗର ଉନ୍ନୟନ | ନବଯୌବନ ଏବଂ ସହର ରୂପାନ୍ତରଣ ପାଇଁ ଅଟଳ ମିଶନ(ଅମୃତ) ଅଧିନ ରାଜ୍ୟ ଅଂଶ | 30/03/2019 | 2.62 | **16.39** |
| | | ଅମୃତ ଅଧୀନରେ ରାଜ୍ୟ ଅଂଶ | 30/03/2019 | 10.00 | |
| | | ଅମୃତ ଅଧିନରେ ରାଜ୍ୟ ଅଂଶ | 30/03/2019 | 3.77 | |
| 2 | ମହିଳା ଓ ଶିଶୁ କଲ୍ୟାଣ | ଅଙ୍ଗନବାଡ଼ିର ଚାକିରୀ ଓ ସତେଜତା / ପ୍ରଶିକ୍ଷଣ ପାଇଁ ବକେୟା / ପ୍ରଶିକ୍ଷଣ ମୂଲ୍ୟ | 30/03/2019 | 0.03 | **0.09** |
| | | ଅଙ୍ଗନବାଡ଼ିର ସତେଜତା ପ୍ରଶିକ୍ଷଣ ପାଇଁ | 30/03/2019 | 0.06 | |
| 3 | କୃଷି ଓ କୃଷକ ସଶକ୍ତିକରଣ | କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ (ସିଏସ୍‌ପି) ପ୍ରଧାନ ମନ୍ତ୍ରୀ କୃଷି ସିଞ୍ଚାଇ(ପିଏମ୍‌କେଏସ୍‌ୱାଇ) ଅଧିକ ଶସ୍ୟ ପାଇଁ ବିନ୍ଦୁଟିଏ | 30/03/2019 | 11.33 | **27.25** |
| | | କେନ୍ଦ୍ରୀୟ ଯୋଜନା ପିଏମ୍‌କେଏସ୍‌ୱାଇ ଅଧୀନରେ ଅଧିକ ଶସ୍ୟ ପାଇଁ ବିନ୍ଦୁଟିଏ | 30/03/2019 | 8.48 | |
| | | ପୋଷଣୀୟ ବୃଦ୍ଧି ପାଇଁ ଜାତୀୟ ଲକ୍ଷ୍ୟର କାର୍ଯ୍ୟାନ୍ୱୟନ (ଏଣ୍‌ଏମ୍‌ଏସ୍‌ଏ) ପାଇଁ | 30/03/2019 | 0.97 | |
| | | ଏନ୍‌ଏସ୍‌ଏମ୍‌ଏ ର କାର୍ଯ୍ୟାନ୍ୱୟନ ପାଇଁ | 30/03/2019 | 0.26 | |
| | | ସିଏସ୍‌ପି ଅଧୀନରେ (ଆଇଡବ୍ଲୁଏମ୍‌ପି) (ଜଳ ଛାୟା ଉନ୍ନୟନ କମିଶନ) | 30/03/2019 | 5.18 | |
| | | ସିଏସ୍‌ପି ଅଧୀନରେ (ଆଇଡବ୍ଲୁଏମ୍‌ପି) ଏକୀକୃତ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ (ଜଳ ଛାୟା ଉନ୍ନୟନ କମିଶନ) | 30/03/2019 | 1.03 | |
| 4 | ମାଧ୍ୟମିକ ଶିକ୍ଷା | 138 ଟି ବ୍ଲକ୍ ଅନୁଦାନ ମଦ୍ରାସାର କର୍ମଚାରୀମାନଙ୍କ ଦରମା ପ୍ରଦାନ ନିମନ୍ତେ | 30/03/2019 | 0.05 | **0.33** |
| | | ବେସରକାରୀ ସହାୟତା ପ୍ରାପ୍ତ କର୍ମଚାରୀମାନଙ୍କ ଦରମା ପ୍ରଦାନ ନିମନ୍ତେ | 30/03/2019 | 0.10 | |
| | | 151 ଓ 73 ବେସରକାରୀ ସହାୟତା ପ୍ରାପ୍ତ ସଂସ୍କୃତ ଟୋଲର କର୍ମଚାରୀମାନଙ୍କ ଦରମା ପ୍ରଦାନ ନିମନ୍ତେ | 30/03/2019 | 0.16 | |
| | | ଅଧିସୂଚିତ ବେସରକାରୀ ସହାୟତା ପ୍ରାପ୍ତ ସଂସ୍କୃତ ଟୋଲକୁ ପ୍ରଦାନ ନିମନ୍ତେ | 30/03/2019 | 0.02 | |
| | | | ମୋଟ | **44.06** | |

**ଉତ୍ସ :** ସଂପୃକ୍ତ ବିଭାଗ ମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ମଂଜୁରୀ ଆଦେଶ

ଉପର ସାରଣୀରୁ ସୁସ୍ପଷ୍ଟ ହେଲା ଯେ, ମୋଟ ଖଲାସ ଅର୍ଥର 61.85 ପ୍ରତିଶତ (27.25 କୋଟି ଟଙ୍କା) କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବାବଦରେ ଅଛି । ଆର୍ଥିକ ବର୍ଷ ଶେଷ ଦିନରେ ଅର୍ଥ କଲାସ ସୂଚାଇଲା ଯେ ମୁଖ୍ୟତଃ ବଜେଟ୍ ବ୍ୟବସ୍ଥାରେ ଥିବା ରାଶିକୁ ସମ୍ପୂର୍ଣ୍ଣ ରୂପେ ଶେଷ ପାଇଁ ପାଣ୍ଠି ଖଲାସ କରାଯାଇଥିଲା ।

## 2.3 ଆକସ୍ମିକ ପାଣ୍ଠିରୁ ଅଗ୍ରୀମ

ଓଡ଼ିଶା ଆକସ୍ମିକ ପାଣ୍ଠି ଅଧିନିୟମ 1967 ଅନୁସାରେ ରାଜ୍ୟ ଆକସ୍ମିକ ପାଣ୍ଠି ପ୍ରତିଷ୍ଠା ହୋଇଥିଲା । ବ୍ୟବସ୍ଥାପକ ପ୍ରାଧିକରଣ ଅର୍ପଣ ପର୍ଯ୍ୟନ୍ତ ଅଦୃଷ୍ଟପୂର୍ବ ଏବଂ ଉଦ୍‌ଗମଶୀଳ ଖର୍ଚ୍ଚର ଭରଣା ପାଇଁ ଆକସ୍ମିକ ପାଣ୍ଠିରୁ ଅଗ୍ରୀମ ନିଆଯାଏ, ଯାହାର ସ୍ଥଗିତ ଅବାଞ୍ଛନୀୟ ।

ଅଦୃଷ୍ଟପୂର୍ବ ଖର୍ଚ୍ଚର ଭରଣା ପାଇଁ ଆକସ୍ମିକ ପାଣ୍ଠି ଏକ ପ୍ରକାର ହେବ ଯାହାର ଅନୁମୋଦନ ବିଧାନସଭାର ବିଚାରାଧୀନ । ପରେ ଏହା ଭରଣା ହୁଏ । 1 ଅପ୍ରେଲ 2018 ରେ ଓଡ଼ିଶା ଆକସ୍ମିକ ପାଣ୍ଠିର ପିଣ୍ଡ 400 କୋଟି ଟଙ୍କା ଥିଲା । 2018-19 ରେ ଓଡ଼ିଶା ଆକସ୍ମିକ ପାଣ୍ଠି ସଂଶୋଧିତ ଅଧାଦେଶ ଦ୍ୱାରା ସରକାର ଆକସ୍ମିକ ପାଣ୍ଠି ପିଣ୍ଡକୁ ଅସ୍ଥାୟୀ ଭାବେ ଯଥାକ୍ରମେ ଜୁଲାଇ 2018 ଏବଂ ଜାନୁଆରୀ 2019 ରେ 1000 କୋଟି ଟଙ୍କା (ଓଡ଼ିଶା ଅଧାଦେଶ ସଂଖ୍ୟା 1/2018 ଦ୍ୱାରା 1400 କୋଟି ଟଙ୍କାକୁ ବୃଦ୍ଧି) ଏଭଁ 1200 କୋଟି ଟଙ୍କା (ଓଡ଼ିଶା ଅଧାଦେଶ ସଂଖ୍ୟା 1/2019 ଦ୍ୱାରା 1600 କୋଟି ଟଙ୍କାକୁ ବୃଦ୍ଧି) କୁ ବୃଦ୍ଧି କଲେ । ଯାହାହେଉ ନିର୍ଦ୍ଧାରିତ ସମୟ (ବିଧାନ ସଭା ପୁନର୍ବାର ଏକାଠି ହେବାର ଛଅ ସପ୍ତାହ) ମଧ୍ୟରେ ଉଭୟ ଘଟଣାରେ ରାଜ୍ୟ ସରକାର ରାଜ୍ୟ ବିଧାନ ସଭାରେ ଆକସ୍ମିକ ପାଣ୍ଠି ସଂଶୋଧିତ ବିଲ୍‌କୁ ଉପସ୍ଥାପନା କରାଇବାରେ ବିଫଳ ହେଲେ । ପୁନଶ୍ଚ ସରକାର ଆକସ୍ମିକ ପାଣ୍ଠିରୁ ସରକାର 2197.87 କୋଟି ଟଙ୍କା ଉଠାଇଥିଲେ, ଯହିଁରୁ 1440.22 କୋଟି ଟଙ୍କା ଅଣଭରଣାକୁ ଛାଡ଼ି 757.65 କୋଟି ଟଙ୍କା ଭରଣା ହୋଇଥିଲା । ଏହି ଅଣଭରଣା ହୋଇଥିବା ପରିମାଣରୁ 1244.66 କୋଟି ଟଙ୍କା (86.42 ପ୍ରତିଶତ) ଜୀବିକା ଓ ଆୟବୃଦ୍ଧି କୃଷକ ସହାୟତା (କାଳିଆ) ଯୋଜନା ପାଇଁ ବ୍ୟବହୃତ ହୋଇଥିଲା । 2018-19 ରେ ଓଡ଼ିଶା ଆକସ୍ମିକ ପାଣ୍ଠିକୁ 1440.22 କୋଟି ଟଙ୍କା ଅଣଭରଣା ହେବା ଦ୍ୱାରା ବିତ୍ତୀୟ ନିଅଣ୍ଟକୁ କମ୍ ଦେଖାଇବା ଏବଂ ରାଜସ୍ୱ ବଳକାକୁ ସମପରିମାଣ ଅଧିକ ଦେଖାଇବାର ପ୍ରଭାବ ପଡ଼ିଲା ।

ରାଜ୍ୟ ସରକାର (ମଇ 2020) ରେ ଦର୍ଶାଇଲେ ଯେ ଜାତୀୟ ନିର୍ବାଚନ ଯୋଗୁଁ ଅଧାଦେଶ ଶେଷ ହେବା ପରେ 2018-19 ରେ ଓଡ଼ିଶା ବିଧାନ ସଭା ଅନୁଷ୍ଠିତ ହୋଇପାରି ନଥିଲା । ଫଳରେ, 2018-19 ରେ ଅଗ୍ରୀମକୁ ଭରଣା କରିବା ସମ୍ଭବ ନଥିଲା । ଯାହାହେଉ, ନୂଆ ସରକାର ଗଠନ ହେବାର ପରେ ପରେ ଉକ୍ତ ଅଗ୍ରୀମ 2019-20 ରେ ପରବର୍ତ୍ତୀ ବିଧାନ ସଭାର ଅଧିବେଶନରେ ଭରଣା ହେଲା ।

ଘଟଣା ଏହା ରହିଲା ଯେ 2018-19 ଶେଷ ସୁଦ୍ଧା ଅଗ୍ରୀମ ଅଣଭରଣା ହେବା ଦ୍ୱାରା 2018-19 ବର୍ଷ ପାଇଁ ରାଜସ୍ୱ ବଳକା ଅଧିକ ଏବଂ ବିତ୍ତୀୟ ନିଅଣ୍ଟ 1440.22 କୋଟି ଟଙ୍କା ହେଲା ।

## 2.4 ରୋକଡ଼ ପରିଚାଳନା ପଦ୍ଧତି ଏବଂ ଖର୍ଚ୍ଚର ଭିଡ଼

ରୋକଡ଼ ପରିଚାଳନା ପଦ୍ଧତିରେ ସମୟାନୁଯାୟୀ ବଜେଟର ଅନୁଦାନ ଖର୍ଚ୍ଚ କରିବା ପାଇଁ ଓଡ଼ିଶା ସରକାର 2018-19 ବର୍ଷ ପାଇଁ, ଓଡ଼ିଶା ବିଭାଗୀୟ ଦାୟିତ୍ୱ ଓ ବଜେଟ୍ ପରିଚାଳନା ଅଧିନିୟମର ଧାରା 8 ର ଉପଧାରା-1(କ) 2016 ଅନୁସାରେ 20 ଟି ବିଭାଗରେ ରୋକଡ଼ ପରିଚାଳନା ପଦ୍ଧତି କାର୍ଯ୍ୟାନ୍ୱିତ କରିଥିଲେ ।

ରୋକଡ଼ ପରିଚାଳନା ପଦ୍ଧତିରେ ଖର୍ଚ୍ଚର ନିୟମାବଳୀ 2018-19 ଅନୁସାରେ ଖର୍ଚ୍ଚର ସ୍ରୋତ ସମାନ ଭାବରେ ହେବା ଉଚିତ୍ । ଅର୍ଥ ବିଭାଗର ଅନୁଦେଶ 30 ଅପ୍ରେଲ 2018 ଅନୁଯାୟୀ, ବଜେଟ୍ ପ୍ରାବଧାନରେ ଖର୍ଚ୍ଚର ସ୍ତର ତୃତୀୟ ତ୍ରୈମାସିକ ସୁଦ୍ଧା ଅଟକଳ ବ୍ୟବସ୍ଥାର 60 ପ୍ରତିଶତରୁ କମ୍ ହେବା ଉଚିତ୍ ନୁହେଁ ଏବଂ ମାର୍ଚ୍ଚ ମାସରେ ତାହା 15 ପ୍ରତିଶତରୁ ଅଧିକ ହେବା ଉଚିତ୍ ନୁହେଁ ।

2018-19 ବର୍ଷରେ ରୋକଡ଼ ପରିଚାଳନା ପଦ୍ଧତି 20 ଟି ବିଭାଗରେ କାର୍ଯ୍ୟାନ୍ୱୟନ ହୋଇଥିଲା । ଏହି 20 ଟି ବିଭାଗ ମଧ୍ୟରୁ 13 ଟି ବିଭାଗ[12] 60 ପ୍ରତିଶତରୁ ନିମ୍ନତମ ଅର୍ଥ ଅଟକଳ ବ୍ୟବସ୍ଥାର ଶେଷ ତ୍ରୈମାସିକରେ ଖର୍ଚ୍ଚ କରିଥିଲେ । ଅତି କ୍ଷୁଦ୍ର, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ଅଟକଳ ବ୍ୟବସ୍ଥାର 28.03 ପ୍ରତିଶତ ତୃତୀୟ ତ୍ରୈମାସିକର ଶେଷ ଭାଗରେ ଉପଯୋଗ କରିଥିଲେ । ସେହିପରି ଭାବରେ, ମାର୍ଚ୍ଚ 2019 ରେ ସାତଟି ବିଭାଗ[13] ମୂଳ ବଜେଟ ବ୍ୟବସ୍ଥାର 15 ପ୍ରତିଶତରୁ ଅଧିକ ଖର୍ଚ୍ଚ କରିଥିଲେ । ପରିସର ମାତ୍ରା 16.76 ରୁ 20.93 ପ୍ରତିଶତ ପର୍ଯ୍ୟନ୍ତ ଯାହା **ସାରଣୀ ୨.୭** ରେ ଦର୍ଶାଗଲା । .

### ସାରଣୀ 2.7: ରୋକଡ଼ ପରିଚାଳନାର ପଦ୍ଧତିର ବିଶ୍ଳେଷଣ

(କୋଟି ଟଙ୍କାରେ)

| କ୍ର. ସଂ | ଅନୁଦାନ ସଂଖ୍ୟା / ବିଭାଗର ନାମ | ମୂଳ ଅଟକଳ | ଅପ୍ରେଲ-ଡିସେମ୍ବର 2018 | | ମାର୍ଚ୍ଚ 2019 (ପ୍ରାଥମିକ) | |
|---|---|---|---|---|---|---|
| | | | ପ୍ରଥମ ତ୍ରୈମାସିକ ଖର୍ଚ୍ଚ | ଖର୍ଚ୍ଚର ପ୍ରତିଶତ | ମାସିକ ଖର୍ଚ୍ଚ | ଖର୍ଚ୍ଚର ପ୍ରତିଶତ |
| **ନିମ୍ନ ବିଭାଗ ଗୁଡ଼ିକ ଧାରାକୁ ଅନୁସରଣ କରିଥିଲେ** | | | | | | |
| 1 | 9- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | 1,149.67 | 770.88 | 67.05 | 16.32 | 1.42 |
| 2 | 12- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 6,181.96 | 3,941.51 | 63.76 | 712.66 | 11.53 |
| 3 | 13- ଗୃହ ଓ ନଗର ଉନ୍ନୟନ | 5,181.98 | 3,367.21 | 64.98 | 402.96 | 7.78 |
| 4 | 19- ଶିଳ୍ପ | 337.50 | 231.33 | 68.54 | 0.60 | 0.18 |
| 5 | 28- ଗ୍ରାମ୍ୟ ଉନ୍ନୟନ | 5,584.46 | 4,024.13 | 72.06 | 812.13 | 14.54 |
| 6 | 30- ଶକ୍ତି | 1,983.54 | 1,471.03 | 74.16 | 260.27 | 13.12 |
| 7 | 33- ମତ୍ସ୍ୟ ଓ ପଶୁସମ୍ପଦ ବିକାଶ | 897.43 | 564.21 | 62.87 | 57.49 | 6.41 |
| 8 | 36- ମହିଳା ଏବଂ ଶିଶୁ ବିଭାଗ | 3,448.32 | 2,183.30 | 63.31 | 360.29 | 10.45 |
| 9 | 39- କୌଶଳ ବିକାଶ ଓ ବୈଷୟିକ ଶିକ୍ଷା | 626.75 | 452.64 | 72.22 | 78.76 | 12.57 |
| 10 | 41- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | 2,562.54 | 1,742.89 | 68.01 | 308.99 | 12.06 |
| **ନିମ୍ନ ବିଭାଗ ଗୁଡ଼ିକ ଧାରାକୁ ଅନୁସରଣ କରିନଥିଲେ** | | | | | | |
| 11 | 7- ପୂର୍ତ୍ତ | 4,272.88 | 2,725.47 | 63.78 | 721.40 | 16.88 |
| 12 | 10- ବିଦ୍ୟାଳୟ ଓ ଗଣ ଶିକ୍ଷା | 14,527.10 | 9,700.19 | 66.77 | 2,434.88 | 16.76 |
| 13 | 11- ଅନୁସୂଚିତ ଜନଜାତି, ଜାତି ବିକାଶ ଓ ସଂଖ୍ୟାଲଘୁ, ପଛୁଆ ବର୍ଗ କଲ୍ୟାଣ | 3,415.05 | 1,861.98 | 54.52 | 670.12 | 19.62 |
| 14 | 17- ପଂଚାୟତି ରାଜ ଏବଂ ପାନୀୟ ଜଳ | 13,734.35 | 12,606.80 | 91.79 | 2,098.82 | 15.28 |
| 15 | 20- ଜଳସମ୍ପଦ | 10,221.33 | 4,616.76 | 45.17 | 1,474.99 | 14.43 |
| 16 | 22- ଜଙ୍ଗଲ ଓ ପରିବେଶ | 810.45 | 483.05 | 59.60 | 140.63 | 17.35 |
| 17 | 23- କୃଷି ଓ କୃଷକ ସଶକ୍ତିକରଣ | 4,718.66 | 2,143.20 | 45.42 | 348.44 | 7.38 |
| 18 | 31- ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ | 190.83 | 95.28 | 49.93 | 38.12 | 19.98 |
| 19 | 38- ଉଚ୍ଚ ଶିକ୍ଷା | 2,294.17 | 1,204.99 | 52.52 | 480.13 | 20.93 |
| 20 | 40- ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | 212.58 | 59.58 | 28.03 | 8.24 | 3.88 |

ଉତ୍ସ : ମାସିକ ବିନିଯୋଗର ହିସାବ ରିପୋର୍ଟ ଡ଼ିସେମ୍ବର 2018 ଏବଂ ମାର୍ଚ୍ଚ (ପ୍ରାଥମିକ) 2019

---

[12] କ୍ରମିକ ସଂଖ୍ୟା..1,2,3,5,6,7,8, 12,13,15,16,18 & 20 of ସାରଣୀ 2.6.

[13] କ୍ରମିକ ସଂଖ୍ୟା.1,3,4,7,10,14 &17 of ସାରଣୀ 2.6.

ଏହା ଉପରୋକ୍ତ ସାରଣୀରୁ ଅନୁମେୟ ଯେ, 20 ବିଭାଗ ମଧ୍ୟରୁ କେବଳ 10ଟି ବିଭାଗ (କ୍ର.ସଂ. 1-10) ବଜେଟ ଅନୁଦାନକୁ ରୋକଡ଼ ପରିଚାଳନା ପଦ୍ଧତି ଅନୁସାରେ ସମୟାନୁସାରେ ଖର୍ଚ୍ଚ କରିବାର ଗାଇଡ଼ଲାଇନକୁ ଅନୁସରଣ କରିଥିଲେ ।

### 2.4.1. ଖର୍ଚ୍ଚର ବହୁଳତା

ଓଡ଼ିଶା ବଜେଟ୍ ମାନୁଆଲ ନିୟମ 147 ଅନୁସାରେ ଆର୍ଥିକ ବର୍ଷର ଶେଷ ମାସରେ ଖର୍ଚ୍ଚର ବହୁଳତା ଆର୍ଥିକ ନିୟମର ଅବମାନନା ଅଟେ, ଯାହାକୁ ପରିହାର କରିବା ଉଚିତ୍ । ଏହାକୁ ବ୍ୟତିକ୍ରମ କରି 10 ବିଭାଗର 18 ଟି ଯୋଜନାରେ (ଉପଖଣ୍ଡ) ଯେଉଁଥିରେ ମାର୍ଚ୍ଚ 2019 ସୁଦ୍ଧା ସମସ୍ତ ବ୍ୟୟର (484.58 କୋଟି ଟଙ୍କା) 100 ପ୍ରତିଶତ ଖର୍ଚ୍ଚ ହୋଇଥିଲା । **ପରିଶିଷ୍ଟ** 2.11 ରେ ବିଶଦ ବିବରଣ ଦିଆଗଲା ।

ମାର୍ଚ୍ଚ ମାସରେ ଅଧିକ ପ୍ରତିଶତ ଖର୍ଚ୍ଚ ଏକ ଆର୍ଥିକ ବର୍ଷର ଶେଷ କାର୍ଯ୍ୟ ଦିବସରେ ସୂଚିତ କରାଯାଏ ଯେ ବର୍ଷ ମଧ୍ୟରେ ଏଖ ରୂପ ଭାବରେ ଖର୍ଚ୍ଚ ଯାହାକି ବଜେଟ୍ ନିୟନ୍ତ୍ରଣର ପ୍ରାଥମିକ ଆବଶ୍ୟକତା ବଜାୟ ରଖିନଥିଲେ । ଏହା 10 ଟି ବିଭାଗର ଅର୍ଥ ପରିଚାଳନା ପଦ୍ଧତିର ବିଫଳତାକୁ ଦର୍ଶାଉଛି । .

***ସୁପାରିଶ 8:*** *ରାଜ୍ୟ ସରକାର ନିୟମକୁ ଲାଗୁ କରିବା ପାଇଁ ସୁନିଶ୍ଚିତ କରିବା ଉଚିତ୍ ଯେ, ବଜେଟ ଅନୁଦାନ ଗୁଡ଼ିକ ସଂପୂର୍ଣ୍ଣ ଭାବେ ଉପଯୋଗ ହେଉଛି ଏବଂ ଆର୍ଥିକ ବର୍ଷର ଶେଷ ଭାଗରେ ଦୃତ ଖର୍ଚ୍ଚକୁ ନିୟନ୍ତ୍ରଣ କରେ ।*

## 2.5 ବଛାଯାଇଥିବା ଅନୁଦାନର ସମୀକ୍ଷା

ଦୁଇଟି ବିଭାଗ (କ) ଅନୁଦାନ ସଂଖ୍ୟା -13:- ଗୃହ ଏବଂ ନିଗର ଉନ୍ନୟନ ବିଭାଗ (ଖ) ଅନୁଦାନ ସଂଖ୍ୟା 20 :-ଜଳ ସମ୍ପଦ ବିଭାଗ ର ବିସ୍ତୃତ ଯାଂଚର ଅଡ଼ିଟ କରା ହେଲା । ମୋଟ ସ୍ତରରେ ଉଭୟ ଅନୁଦାନର ସଂଚୟ ଥିଲା ।

ଏହି ପ୍ରସଂଗ କ୍ରମେ ଅଡ଼ିଟରେ ଫଳାଫଳ ନିମ୍ନରେ ଆଲୋଚନା କରାଗଲା ।

### *2.5.1 ଗୃହ ଓ ନଗର ଉନ୍ନୟନ ବିଭାଗ (ଅନୁଦାନ ସଂଖ୍ୟା-13)*

ଗୃହ ଓ ନଗର ଉନ୍ନୟନ ବିଭାଗର ବଜେଟ୍ ନିୟନ୍ତ୍ରଣ ପ୍ରଣାଳିକୁ ଯାଞ୍ଚ କରାଗଲା । 2016-17 ରୁ 2018-19 ମଧ୍ୟରେ ବର୍ଷ ଅନୁଯାୟୀ ବଜେଟ୍ ବ୍ୟବସ୍ଥା (ଉଭୟ ମୂଳ ଓ ଅନୁପୂରକ) ଏବଂ ରାଜସ୍ୱ ଓ ପୁଞ୍ଜିଗତ ବିଭାଗ ଅଧିନରେ ସମସ୍ତ ଖର୍ଚ୍ଚ ବିବରଣୀ **ସାରଣୀ-2.8** ରେ ଦର୍ଶାଗଲା ।

**ସାରଣୀ 2.8: 2016-17 ରୁ 2018-19 ମଧ୍ୟରେ ବଜେଟ୍ ପଦ୍ଧତି ଏହାର ବ୍ୟୟ**

**(କୋଟି ଟଙ୍କାରେ)**

| | | 2016-17 | 2017-18 | 2018-19 |
|---|---|---|---|---|
| **ରାଜସ୍ୱ ବ୍ୟୟ (ଅନୁମୋଦିତ ଓ ଭାରିତ)** | ମୂଳ | 2,899.22 | 3,647.31 | 4,421.19 |
| | ଅନୁପୁରକ | 38.27 | 498.03 | 530.95 |
| | ସମୁଦାୟ ବ୍ୟବସ୍ଥା | 2,937.49 | 4,145.34 | 4,952.14 |
| | ସମୁଦାୟ ବ୍ୟୟ | 2,486.25 | 3,716.29 | 3,773.20 |
| | ସଂଚୟ | 451.24 | 429.05 | 1,178.93 |
| | ପ୍ରତ୍ୟାର୍ପଣ | 436.78 | 496.75 | 1,153.13 |
| | ସମୁଦାୟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ | 15.36 | 10.35 | 23.81 |
| | ମୂଳ | 464.88 | 845.00 | 760.79 |
| | ଅନୁପୁରକ | 121.00 | 171.80 | 83.00 |

| | | 2016-17 | 2017-18 | 2018-19 |
|---|---|---|---|---|
| ପୁଞ୍ଜିଗତ ବ୍ୟୟ (ଅନୁମୋଦିତ ଓ ଭାରିତ) | ସମୁଦାୟ ବ୍ୟବସ୍ଥା | 585.88 | 1,016.80 | 843.79 |
| | ସମୁଦାୟ ବ୍ୟୟ | 589.51 | 966.98 | 767.55 |
| | ସଂଚୟ | (-) 3.63 | 49.82 | 76.25 |
| | ପ୍ରତ୍ୟାର୍ପଣ | 3.22 | 53.02 | 75.26 |
| | ସମୁଦାୟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ | - | 4.90 | 9.04 |

**ଉତ୍ସ : ଓଡ଼ିଶା ସରକାରଙ୍କ 2016-17 ରୁ 2018-19 ଅବଧିର ବିନିଯୋଗ ହିସାବ**

ପୁନଶ୍ଚ, ଅନୁଦାନର ରାଜସ୍ୱ ବିଭାଗରେ 2016-17 ଅବଧିରେ ମୋଟ ବ୍ୟବସ୍ଥା ତୁଳନାରେ ସଂଚୟ 15.36 ପ୍ରତିଶତ ଥିବା ସ୍ଥଳେ, 2018-19 ରେ ତାହା 8.45 ପ୍ରତିଶତକୁ ବୃଦ୍ଧି ଘଟି ଥିଲା । ପୁଞ୍ଜିଗତ ବିଭାଗରେ 2016-17 ଅବଧିରେ ମୋଟ ବ୍ୟବସ୍ଥା ତୁଳନାରେ ସଞ୍ଚୟ 2018-19 ରେ 4.14 ପ୍ରତିଶତ ବୃଦ୍ଧି ଘଟିଥିଲା । ଏହା ବିଭାଗର ତ୍ରୁଟିପୂର୍ଣ୍ଣ ବ୍ୟୟ ପ୍ରଣାଳୀକୁ ଦର୍ଶାଉଥିଲା ।

### *2.5.1.1 ଅନାବଶ୍ୟକ/ ଅତ୍ୟଧିକ ଅନୁପୂରକ ବ୍ୟବସ୍ଥା*

530.95 କୋଟି ଟଙ୍କାର ରାଜସ୍ୱ ଅନୁମୋଦିତ ବିଭାଗ ଅଧିନରେ କରାଯାଇଥିବା ଅନୁପୂରକ ବ୍ୟବସ୍ଥା କରିବାର ଅନାବଶ୍ୟକ ଥିଲା କାରଣ ପ୍ରକୃତ ବ୍ୟୟ (3771.65 କୋଟି ଟଙ୍କା) ମୂଳ ବ୍ୟବସ୍ଥା (4,418.67 କୋଟି ଟଙ୍କା) ଠାରୁ କମ୍ ଥିଲା । ସେହିଭଳି ପୁଞ୍ଜିଗତ ଅନୁମୋଦିତ ବିଭାଗ ଅଧିନରେ 83.00 କୋଟି ଟଙ୍କାର ଅନୁପୂରକ ବ୍ୟବସ୍ଥା କରାଯାଇଥିବା ସ୍ଥଳେ 76.25 କୋଟି ଟଙ୍କାର ଅତ୍ୟଧିକ ବ୍ୟବସ୍ଥା ପ୍ରମାଣିତ ହୋଇଥିଲା (ସାରଣୀ 2.9) ।

**ସାରଣୀ 2.9 ଅନାବଶ୍ୟକ/ ଅତ୍ୟଧିକ ଅନୁପୂରକ ବ୍ୟବସ୍ଥା**

(କୋଟି ଟଙ୍କାରେ)

| କ୍ର. ସଂ | ମୁଖ୍ୟ ଶୀର୍ଷକ | ମୂଳ ବ୍ୟବସ୍ଥା | ମୋଟ ପ୍ରାପ୍ତି ଅନୁପୂରକ ଅନୁଦାନ | ପ୍ରକୃତ ବ୍ୟୟ | ସଞ୍ଚୟ |
|---|---|---|---|---|---|
| ଅନାବଶ୍ୟକ ଅନୁରୂପକ ବ୍ୟବସ୍ଥା | | | | | |
| 1 | ରାଜସ୍ୱ (ଅନୁମୋଦିତ) | 4,418.67 | 530.95 | 3,771.65 | 1,177.97 |
| "ପିଏମ୍‌ଏୱାଇ ଅର୍ବାନ୍" ଅଧିନରେ 300 କୋଟି ଟଙ୍କାର ଅନୁରୂପକ ବ୍ୟବସ୍ଥା ମିଳିଥିଲା । | | | | | |
| ଅତ୍ୟଧିକ ଅନୁପୂରକ ବ୍ୟବସ୍ଥା | | | | | |
| 2 | ପୁଞ୍ଜି (ଅନୁମୋଦିତ) | 760.70 | 83.00 | 767.45 | 76.25 |
| ଭୁବନେଶ୍ୱର-କଟକ ଏକତ୍ରୀକୃତ ନର୍ଦମା ଓ ପରିମଳ ଯୋଜନା ପାଇଁ ଜେବିଆଇସି, ଜାପାନ ଦ୍ୱାରା ସହାୟତା ପ୍ରାପ୍ତ ଇଏପି 36.60 କୋଟିଟଙ୍କାର ଅନୁପୂରକ ବ୍ୟବସ୍ଥା ମିଳିଥିଲା । | | | | | |

ଉତ୍ସ : ଓଡ଼ିଶା ସରକାରଙ୍କର ବିତ୍ତୀୟ ବ୍ୟବସ୍ଥା *2018-19*

### *2.5.1.2. କମ୍ / ଅତ୍ୟଧିକ ସଞ୍ଚୟର ପ୍ରତ୍ୟାର୍ପଣ/ ବିଳମ୍ବିତ ପ୍ରତ୍ୟାର୍ପଣ*

ଅର୍ଥ ବିଭାଗ ଅଣ ବିନିଯୋଗ ଅନୁଦାନକୁ 28 ଫେବୃଆରୀ 2019 ଦିନ କିମ୍ବା ତା' ପୂର୍ବରୁ ଫେରାଇ ଦେବାକୁ ସମସ୍ତ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ନାମା ଜାରି କରିଥିଲେ (07 ଫେବୃଆରୀ 2019) ।

ଗୃହ ଏବଂ ପୌର ଉନ୍ନୟନ ବିଭାଗ ରାଜସ୍ୱ ବିଭାଗ ଅଧିନରେ 2016-17 ରେ 14.46 କୋଟି ଟଙ୍କା କମ୍ ଏବଂ 2018-19 ରେ 25.80 କୋଟି ଟଙ୍କା ଅଧିକ ଅନୁଦାନ ଫେରାଇ ଥିଲେ ଯାହାର ସବିଶେଷ ବିବରଣୀ ସାରଣୀ 2.8 ରେ ପ୍ରଦତ୍ତ ।

ସେହିପରି ପୁଞ୍ଜିଗତ ବିଭାଗ ଅଧିନରେ 2018-19 ବର୍ଷରେ 76.25 କୋଟି ଟଙ୍କା ଅନୁଦାନର ସଞ୍ଚୟ ଥିବା ବେଳେ ବିଭାଗ 75.26 କୋଟି ଟଙ୍କା ଫେରସ୍ତ କରିଥିଲେ ଏବଂ 2017-18 ରେ 49.82 କୋଟି ଟଙ୍କା ଅନୁଦାନର ସଞ୍ଚୟ ହୋଇଥିବା ବେଳେ ବିଭାଗ 53.02 କୋଟି ଟଙ୍କା ଫେରସ୍ତ କରିଥିଲେ । 2016-17 ରେ କୌଣସି ସଞ୍ଚୟ ନଥାଇ, ବିଭାଗ 3.22 କୋଟି ଟଙ୍କା ଫେରସ୍ତ କରିଥିଲେ ।

ପୁନଶ୍ଚ, ଅର୍ଥ ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶନାମା ବିରୋଧରେ 2018-19 ବର୍ଷରେ ବିଭାଗର ସମୁଦାୟ ସଞ୍ଚୟ 1,255.18 କୋଟି ଟଙ୍କା ମଧ୍ୟରୁ 1,228.39 କୋଟି ଟଙ୍କା (1,153.13 କୋଟି ଟଙ୍କା ରାଜସ୍ୱ ଭାଗ ଅଧିନରେ ଏବଂ 75.26 କୋଟି ଟଙ୍କା ପୁଞ୍ଜି ଭାଗ ଅଧିନରେ) ଶେଷ କାର୍ଯ୍ୟ ଦିବସରେ ଫେରସ୍ତ କରିଥିଲେ ।

ଏହା ଦର୍ଶାଉଥିଲା ଯେ ନିୟନ୍ତ୍ରଣ ଅଧିକାରୀମାନେ ଓଡ଼ିଶା ବଜେଟ୍ ମାନୁଆଲ ଓ ସରକାରୀ ନିୟମାବଳୀରେ ନିର୍ଦ୍ଧାରିତ ବଜେଟ୍ ନିୟନ୍ତ୍ରଣ ନିୟମ ଅନୁଯାୟୀ ବ୍ୟୟ ଧାରାକୁ ଯାଞ୍ଚ୍ କରିବାରେ ବିଫଳ ହୋଇଥିଲେ ।

### *2.5.1.3 ମାତ୍ରାଧିକ ଫେରସ୍ତ (20 କୋଟି ଟଙ୍କା ଏବଂ ଅଧିକ ପ୍ରତି କ୍ଷେତ୍ରରେ)*

ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ପରିପ୍ରେକ୍ଷୀରେ ଅତ୍ୟଧିକ ସଞ୍ଚୟ କିମ୍ବା କମ୍ କାର୍ଯ୍ୟ କରିବାର ଢାଞ୍ଚା କିମ୍ବା ଉଭୟ ରମ ଆୟ ବ୍ୟୟ ଅଟକଳକୁ ଦର୍ଶାଏ । ଉପ-ଶୀର୍ଷକ ଗୁଡ଼ିକରେ ଘଟିଥିବା ଅତ୍ୟଧିକ ସଞ୍ଚୟର ବିବରଣୀ **ସାରଣୀ 2.10** ରେ ପ୍ରଦତ୍ତ ।

**ସାରଣୀ 2.10: ମାତ୍ରାଧିକ ଫେରସ୍ତ (20 କୋଟି ଟଙ୍କା ଏବଂ ତଦୁର୍ଦ୍ଧ୍ୱ)**

(କୋଟି ଟଙ୍କାରେ)

| କ୍ର. ସଂ | ମୁଖ୍ୟ ଶିର୍ଷକ | ସମୁଦାୟ ବ୍ୟବସ୍ଥା | ପ୍ରତ୍ୟାରୋପଣ ପରିମାଣ | ଯୋଜନା / କାର୍ଯ୍ୟକ୍ରମ / କ୍ରିୟାକଳାପର ଉଦ୍ଦେଶ୍ୟ |
|---|---|---|---|---|
| **13- ଗୃହ ଓ ନଗର ଉନ୍ନୟନ ବିଭାଗ** | | | | |
| 1 | 2217-05-(191,192,193)-3096-ବ୍ଲା ସ୍ଥାନୀୟ ନିକାୟ ଗୁଡ଼ିକୁ 14ତମ ଅର୍ଥ କମିଶନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା କାର୍ଯ୍ୟ ଅନୁଦାନ | 89.34 | 89.34 | ଗ୍ରାମ ପଞ୍ଚାୟତ ଏବଂ ପୌର ସଂସ୍ଥା ମାନଙ୍କ ପାଇଁ ନିର୍ଦ୍ଧାରଣ ଅତ୍ୟାବଶ୍ୟକିୟ ସେବା ଯୋଗାଇ ଦେବା ପାଇଁ ଅମ ସର୍ତ୍ତମୂଳକ ସହାୟକ ରାଶି |
| କେନ୍ଦ୍ରୀୟ ସହାୟତା ନ ପାଇବା ଯୋଗୁଁ ସମୁଦାୟ ବ୍ୟବସ୍ଥାର ଫେରସ୍ତ | | | | |
| 2 | 2217-05-(191,192,193, 789, 796 ) - 2916- ଜାତୀୟ ସହରାଞ୍ଚଳ ଜୀବିକା ନିର୍ବାହ ଉପାୟର ଲକ୍ଷ୍ୟ | 47.22 | 20.16 | ସହରାଞ୍ଚଳରେ ରହୁଥିବା ଲୋକମାନଙ୍କର ଦାରିଦ୍ର୍ୟ ଓ ନିସହାୟତା ଦୂର କରିବା ଉଦ୍ଦେଶ୍ୟରେ |
| କେନ୍ଦ୍ରୀୟ ସହାୟତା ନ ପାଇବା ଯୋଗୁଁ ଅନୁଦାନ ବ୍ୟବସ୍ଥାର ଫେରସ୍ତ | | | | |
| 3 | 4215-01-796--1561- ସହରାଞ୍ଚଳରେ ଜଳ ଯୋଗାଣ | 50.00 | 41.73 | ସହରାଞ୍ଚଳରେ ଜଳ ଯୋଗାଣ |
| | କୌଣସି ନିର୍ଦ୍ଧିଷ୍ଟ କାରଣ ନଥାଇ ସ୍ୱଳ୍ପ ବ୍ୟୟ ହୋଇଥିଲା | | | |
| 4 | 4215-02-106-1524 - ସହରାଞ୍ଚଳରେ | 50.00 | 41.88 | ସହରାଞ୍ଚଳରେ ସୋରେଜ ଏବଂ ପରିମଳ |

| କ୍ର. ସଂ | ମୁଖ୍ୟ ଶିର୍ଷକ | ସମୁଦାୟ ବ୍ୟବସ୍ଥା | ପ୍ରତ୍ୟାରୋପଣ ପରିମାଣ | ଯୋଜନା / କାର୍ଯ୍ୟକ୍ରମ / କ୍ରିୟାକଳାପର ଉଦ୍ଦେଶ୍ୟ |
|---|---|---|---|---|
| | ସୋରେଜ ଯୋଜନା | | | |
| କୌଣସି ନିର୍ଦ୍ଦିଷ୍ଟ କାରଣ ନ ଦର୍ଶାଇ ସ୍ୱଳ୍ପ ବ୍ୟୟ | | | | |
| 5 | 2217-05-(789,796 & 800)-3062-ସ୍ମାର୍ଟ ସିଟି | 400.00 | 400.00 | ଭୁବନେଶ୍ୱର ଏବଂ ରାଉରକେଲା ନଗର ଗୁଡିକୁ ନାଗରିକ ଅନୁକୂଳ ଏବଂ ପୁଷ୍ଟିକର କରିବା ପାଇଁ |
| କେନ୍ଦ୍ରୀୟ ସହାୟତା ନ ପାଇବା ଯୋଗୁଁ ସମୁଦାୟ ଅନୁଦାନ ରାଶି ଫେରସ୍ତ | | | | |
| 6 | 2215-02-(105,789,796)-3221- ସ୍ୱଚ୍ଛ ଭାରତ ଅଭିଯାନ | 200.00 | 156.24 | ସମସ୍ତ ଲୋକଙ୍କ ପାଖରେ ପରିମଳ ସୁବିଧା ସହିତ ଟଏଲେଟ୍ ସଲିଡ୍ ଏବଂ ଲିକୁଇଡ୍ ୱେଷ୍ଟ ଡିସ୍‌ପୋଜାଲ ବ୍ୟବସ୍ଥା, ଗ୍ରାମ୍ୟ ପରିଷ୍କାର ଏବଂ ପ୍ରଚୁର ପାନୀୟ ଜଳର ବ୍ୟବସ୍ଥା ପହଞ୍ଚାଇବା |
| କେନ୍ଦ୍ରୀୟ ସହାୟତା ନ ପାଇବା ଯୋଗୁଁ ସମୁଦାୟ ଅନୁଦାନ ରାଶି ଫେରସ୍ତ | | | | |

**ଉତ୍ସ :** ଓଡ଼ିଶା ସରକାରଙ୍କ 2018-19 ବର୍ଷର ବିନିଯୋଗ ହିସାବ

ଅନୁଦାନ ବ୍ୟବସ୍ଥାର ମାତ୍ରାଧିକ ଫେରସ୍ତ ବିଭାଗର ଅନୁଦାନ ରାଶିର ଉପଯୁକ୍ତ ଉପଯୋଗର ବିଫଳତାକୁ ଦର୍ଶାଉଥିଲା । ଫଳରେ ପରିକଳ୍ପନା/ ଯୋଜନାର ଉଦ୍ଦେଶ୍ୟ ଯେଉଁଥିପାଇଁ ଅନୁଦାନ ଯୋଗାଇ ଦିଆଯାଇଥିଲା, ସାଧନ ହୋଇପାରିଲା ନାହିଁ ।

## 2.5.2 ଜଳ ସମ୍ପଦ ବିଭାଗ (ଅନୁଦାନ ସଂଖ୍ୟା-20)

ଜଳ ସମ୍ପଦ ବିଭାଗ ସମସ୍ତ ଜଳ ସମ୍ପଦର ଉନ୍ନତିକରଣ ଏବଂ ପରିଚାଳନାର ନୋଡାଲ ବିଭାଗ ଅଟେ । 2018-19 ବର୍ଷରେ 2.72 ଲକ୍ଷ ହେକ୍ଟର ଧାର୍ଯ୍ୟ ଲକ୍ଷ୍ୟ ଜଳ ସେଚନ ବିପକ୍ଷରେ 1.43 ଲକ୍ଷ ହେକ୍ଟର ଅଧିକ ପ୍ରଚ୍ଛନ୍ନ ଜଳ ସେଚନର ସୁବିଧା ସୃଷ୍ଟି କରିଛି ।

### *2.5.2.1 ବଜେଟ୍ ବ୍ୟବସ୍ଥା ଏବଂ ବ୍ୟୟ*

2016-17 ରୁ 2018-19 ଅବଧି ମଧ୍ୟରେ ଜଳ ସମ୍ପଦ ବିଭାଗର ବଜେଟ୍ ବ୍ୟବସ୍ଥା ଏବଂ ବ୍ୟୟ ସବିଶେଷ ବିବରଣୀ ସାରଣୀ 2.11 ରେ ଦିଆଯାଇଛି ।

**ସାରଣୀ 2.11: 2016-19 ଅବଧି ମଧ୍ୟରେ ବଜେଟ୍ ବ୍ୟବସ୍ଥା ଓ ବ୍ୟୟ**

*(କୋଟି ଟଙ୍କାରେ)*

| | | 2016-17 | 2017-18 | 2018-19 |
|---|---|---|---|---|
| ରାଜସ୍ୱ ବ୍ୟୟ (ଅନୁମୋଦିତ ଓ ଭାରିତ) | ମୂଳ | 1,995.48 | 2,177.74 | 1,953.55 |
| | ଅନୁପୁରକ | 76.92 | 51.07 | 106.00 |
| | ସମୁଦାୟ ବ୍ୟବସ୍ଥା | 2,072.40 | 2,228.81 | 2,059.55 |
| | ସମୁଦାୟ ବ୍ୟୟ | 1,941.00 | 1,987.33 | 1,776.21 |
| | ସଂଚୟ | 131.40 | 241.48 | 283.34 |
| | ପ୍ରତ୍ୟାର୍ପଣ | 111.66 | 225.76 | 270.33 |
| | ସମୁଦାୟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ | 6.34 | 10.83 | 13.76 |
| ପୁଞ୍ଜିଗତ ବ୍ୟୟ | ମୂଳ | 5,266.09 | 7,047.14 | 8,267.79 |

| | | 2016-17 | 2017-18 | 2018-19 |
|---|---|---|---|---|
| (ଅନୁମୋଦିତ ଓ ଭାରିତ) | ଅନୁପୁରକ | 647.70 | 486.95 | 221.69 |
| | ସମୁଦାୟ ବ୍ୟବସ୍ଥା | 5,913.79 | 7,534.09 | 8,489.48 |
| | ସମୁଦାୟ ବ୍ୟୟ | 5,808.65 | 6,847.37 | 5,719.04 |
| | ସଂଚୟ | 105.15 | 686.72 | 2,770.44 |
| | ପ୍ରତ୍ୟାର୍ପଣ | 88.47 | 687.03 | 2,768.34 |
| | ସମୁଦାୟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ | 1.78 | 9.11 | 32.63 |

ଉତ୍ସ : ଓଡ଼ିଶା ସରକାରଙ୍କ ବର୍ଷ 2016-17 ଠାରୁ 2018-19 ଅବଧିର ବିନିଯୋଗ ହିସାବ

ଏହି ସାରଣୀରୁ ଦେଖାଗଲା ଯେ, ରାଜସ୍ୱ ବିଭାଗ ଅଧିନରେ ସମୁଦାୟ ଅନୁଦାନ ବ୍ୟବସ୍ଥାରେ 169.26 କୋଟି ଟଙ୍କା (7.60 ପ୍ରତିଶତ) ହ୍ରାସ ଘଟିଥିଲା ଯାହା 2017-18 ରେ 2,228.81 କୋଟି ଟଙ୍କା ଅନୁଦାନରୁ 2018-19 ର 2059.55 କୋଟି ଟଙ୍କାକୁ ହ୍ରାସ ଘଟିଥିଲା । ସେହିପରି ପୁଞ୍ଜି ବିଭାଗରେ ସମୁଦାୟ ଅନୁଦାନ ବ୍ୟବସ୍ଥାରେ 2,575.69 କୋଟି ଟଙ୍କା (43.55 ପ୍ରତିଶତ) ବୃଦ୍ଧି ଘଟିଥିଲା ଯାହା 2016-17 ବର୍ଷର 5,913.79 କୋଟି ଟଙ୍କା ଅନୁଦାନରୁ 2018-19 ବର୍ଷର 8,489.48 କୋଟି ଟଙ୍କା ଅନୁଦାନକୁ ବୃଦ୍ଧି ଘଟିଥିଲା ।

### *2.5.2.2 କମ୍ / ଅତ୍ୟଧିକ ସଞ୍ଚୟର ପ୍ରତ୍ୟାର୍ପଣ/ ବିଳମ୍ବିତ ପ୍ରତ୍ୟାର୍ପଣ*

ଅର୍ଥ ବିଭାଗ ଅଣ ବିନିଯୋଗ ଅନୁଦାନକୁ 28 ଫେବୃଆରୀ 2019 ଦିନ କିମ୍ବା ତା' ପୂର୍ବରୁ ଫେରାଇ ଦେବାକୁ ସମସ୍ତ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ନାମା ଜାରି କରିଥିଲେ (07 ଫେବୃଆରୀ 2019) ।

2016-17, 2017-18 ଏବଂ 2018-19 ବର୍ଷ ମାନଙ୍କରେ ରାଜସ୍ୱ ବିଭାଗ ଅଧିନରେ 131.40 କୋଟି ଟଙ୍କା, 241.48 କୋଟି ଟଙ୍କା ଏବଂ 283.34 କୋଟି ଟଙ୍କା ସଞ୍ଚୟ ହେଉଥିବା ବେଳେ, କ୍ରମାନ୍ୱୟରେ ସେହି ବର୍ଷ ମାନଙ୍କରେ 111.66 କୋଟି ଟଙ୍କା, 225.76 କୋଟି ଟଙ୍କା ଏବଂ 270.33 କୋଟି ଟଙ୍କା ଫେରସ୍ତ କରିଥିଲେ । ତେଣୁ ଶେଷ ତିନି ବର୍ଷରେ ବିଭାଗ ସଞ୍ଚୟ ଠାରୁ କମ୍ ଅର୍ଥ ଫେରସ୍ତ କରିଥିଲା ଯାହାର ସୀମା 13.01 କୋଟି ଟଙ୍କାରୁ 19.74 କୋଟି ଟଙ୍କା ମଧ୍ୟରେ ଥିଲା ।

ସେହିପରି, ପୁଞ୍ଜି ବିଭାଗ ଅଧିନରେ 2016-17 ବର୍ଷ ଓ 2018-19 ବର୍ଷରେ 105.15 କୋଟି ଟଙ୍କା ଓ 2,770.44 କୋଟି ଟଙ୍କା ସଞ୍ଚୟ ହୋଇଥିବା ବେଳେ କ୍ରମାନ୍ୱୟରେ ସେହିବର୍ଷ ମାନଙ୍କରେ 88.47 କୋଟି ଟଙ୍କା ଓ 2,768.34 କୋଟି ଟଙ୍କା ଫେରସ୍ତ କରିଥିଲେ । 2017-18 ବର୍ଷରେ 686.72 କୋଟି ଟଙ୍କା (9.11 ପ୍ରତିଶତ) ସଞ୍ଚୟ ହୋଇଥିଲା ବେଳେ 687.03 କୋଟି ଟଙ୍କା ଫେରସ୍ତ ହୋଇଥିଲା । ଫଳତଃ 0.31 କୋଟି ଟଙ୍କା ଅଧିକ ଫେରସ୍ତ କରିଥିଲା ।

ପୁନଶ୍ଚ, ଅର୍ଥ ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶନାମା ବିରୋଧରେ 2018-19 ବର୍ଷରେ ବିଭାଗର ସମୁଦାୟ ସଞ୍ଚୟ 3,053.78 କୋଟି ଟଙ୍କା ମଧ୍ୟରୁ 3,038.28 କୋଟି ଟଙ୍କା ଶେଷ କାର୍ଯ୍ୟ ଦିବସରେ ଫେରସ୍ତ ହୋଇଥିଲା ।

ଏହା ଦର୍ଶାଉଥିଲା ଯେ ନିୟନ୍ତ୍ରଣ ଅଧିକାରୀମାନେ ଓଡ଼ିଶା ବଜେଟ୍ ମାନୁଆଲ ଓ ସରକାରୀ ନିୟମାବଳୀରେ ନିର୍ଦ୍ଧାରିତ ବଜେଟ୍ ନିୟନ୍ତ୍ରଣ ନିୟମ ଅନୁଯାଇ ବ୍ୟୟ ଧାରାକୁ ଯାଞ୍ଚ୍ କରିବାରେ ବିଫଳ ହୋଇଥିଲା ।

### *2.5.2.3 ଅନାବଶ୍ୟକ/ ଅତ୍ୟଧିକ ଅନୁପୂରକ ବ୍ୟବସ୍ଥା*

327.29 କୋଟି ଟଙ୍କାର ରାଜସ୍ୱ ଅନୁମୋଦିତ, ପୁଞ୍ଜି ଅନୁମୋଦିତ ଏବଂ ପୁଞ୍ଜି ନିର୍ଦ୍ଧାରିତ ବିଭାଗ ଗୁଡ଼ିକ ଅଧିନରେ କରାଯାଇଥିବା ଅନୁପୂରକ ବ୍ୟବସ୍ଥା ଅନାବଶ୍ୟକ ଥିଲା କାରଣ ପ୍ରକୃତ ବ୍ୟୟ (7,489.73 କୋଟି ଟଙ୍କା) ମୂଳ ବ୍ୟବସ୍ଥା (10,205.32 କୋଟି ଟଙ୍କା) ଠାରୁ କମ୍ ଥିଲା ଯାହାର ସବିଶେଷ ବିବରଣୀ 2.12 ରେ ପ୍ରଦତ୍ତ ହୋଇଛି ।

### ସାରଣୀ 2.12: ଅନାବଶ୍ୟକ/ ଅତ୍ୟଧିକ ଅନୁପୂରକ ବ୍ୟବସ୍ଥା

(କୋଟି ଟଙ୍କାରେ)

| କ୍ର. ସଂ | ମୁଖ୍ୟ ଶୀର୍ଷକ | ମୂଳ ବ୍ୟବସ୍ଥା | ସମୁଦାୟ ଅନୁପୂରକ ଅନୁଦାନ ପ୍ରାପ୍ତି | ପ୍ରକୃତ ବ୍ୟୟ | ସଞ୍ଚୟ |
|---|---|---|---|---|---|
| 1 | ରାଜସ୍ୱ (ଅନୁମୋଦିତ) | 1,950.05 | 106.00 | 1,775.82 | 280.22 |
| ଷ୍ଟେଟ୍ ପ୍ଲାନ୍ ଅଧିନରେ ଥିବା "କ୍ଷୁଦ୍ର ଜଳସେଚନ ପ୍ରକଳ୍ପ" ରୁ ମିଳିଥିବା ଅନୁପୂରକ ବ୍ୟବସ୍ଥା (19 କୋଟି ଟଙ୍କା) | | | | | |
| 2 | ପୁଞ୍ଜି (ଅନୁମୋଦିତ) | 8,255.27 | 221.29 | 5,713.91 | 2,762.66 |
| ମଧ୍ୟମ ଜଳସେଚନ ପରିକଳ୍ପନାରୁ ମିଳିଥିବା ବୃହତ୍ ଅନୁପୂରକ ବ୍ୟବସ୍ଥା (200 କୋଟି ଟଙ୍କା) | | | | | |
| ମୋଟ | | 10,205.32 | 327.29 | | |

**ଉତ୍ସ** : ଓଡ଼ିଶା ସରକାରଙ୍କ ବର୍ଷ 2018-19 ର ବିନିଯୋଗ ହିସାବ

### *2.5.2.4 ମାତ୍ରାଧିକ ଅନୁଦାନର ଫେରସ୍ତ*

ଜଳ ସମ୍ପଦ ବିଭାଗ, ବିଭିନ୍ନ ଶୀର୍ଷକ ଅଧିନରେ ଭିନ୍ନ ଭିନ୍ନ ଯୋଜନା/ ପରିକଳ୍ପନା/ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ବର୍ଷ 2018-19 ରେ ଅନୁଦାନର ବ୍ୟବସ୍ଥା କରିଥିଲା । କିନ୍ତୁ, ଅର୍ଥର ଅଣ ବିନିଯୋଗ କାରଣରୁ ମାତ୍ରାଧିକ ଅନୁଦାନ ଫେରସ୍ତ ହୋଇଥିଲା ଯାହାର ସବିଶେଷ ବିବରଣୀ **ସାରଣୀ 2.13** ରେ ପ୍ରଦାନ କରାଯାଇଛି ।

### ସାରଣୀ 2.13: ମାତ୍ରାଧିକ ଅନୁଦାନ ଫେରସ୍ତର ଉଦାହରଣ

(କୋଟି ଟଙ୍କାରେ)

| କ୍ର. ସଂ | ଯୋଜନାର ନାମ (ମୁଖ୍ୟ ଶିର୍ଷ) | ସର୍ବମୋଟ ଅନୁଦାନ | ପ୍ରତ୍ୟାର୍ପଣ ରାଶ | ଯୋଜନା/ ପରିକଳ୍ପନା/ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ |
|---|---|---|---|---|
| **20**-ଜଳ ସମ୍ପଦ ବିଭାଗ | | | | |
| 1 | 2702-01-(789,796,800)-3229-ଓଡ଼ିଶା ଏକତ୍ରିତ ଜଳ ସେଚନ ଯୋଜନା ଜଳବାୟୁ ପରିବର୍ତ୍ତନ ସ୍ଥିତି ସ୍ଥାପକ କୃଷି(ଓଆଇଆଇପିସିଆର୍ଏ)-ଇଏପି | 41.00 | 41.00 | ଜଳବାୟୁ ସ୍ଥିତିସ୍ଥାପକ କୃଷି ଅଭ୍ୟାସ ଦ୍ୱାରା ପ୍ରକଳ୍ପ ଅଞ୍ଚଳର କୃଷକ ମାନଙ୍କର କ୍ଷମତା ଓ ରୋଜଗାରରେ ଅଭିବୃଦ୍ଧି ଘଟାଇବା |
| | କୌଣସି କାରଣ ନ ଦର୍ଶାଇ ସମସ୍ତ ଅର୍ଥକୁ ଫେରସ୍ତ କରାଯାଇଥିଲା । ପ୍ରକଳ୍ପର ସ୍ୱୀକୃତ ଓ ବିଶ୍ୱବ୍ୟାଙ୍କ ସହିତ ଋଣ ବୁଝାମଣା ଚୂଡ଼ାନ୍ତ ହୋଇ ନପାରିବାରୁ ବର୍ଷ 2017-18 ରେ ସମୁଦାୟ ବଜେଟାରି ଅର୍ଥ (45 କୋଟି ଟଙ୍କା) ଫେରସ୍ତ କରାଯାଇଥିଲା । | | | |
| 2 | 4700-80-(001,789,796)-800-3302-ଗଙ୍ଗାଧର ମେହେର ଉଠା କେନାଲ ପଦ୍ଧତି | 200.00 | 198.84 | ଓଡ଼ିଶା ବରଗଡ଼ ଜିଲ୍ଲାର ବିଜେପୁର, ସୋହେଲା ଓ ବରପାଲି ବ୍ଲକର ପ୍ରାୟ 25,600 ହେକ୍ଟର ମରୁଡ଼ି ପ୍ରବଣ ଅଞ୍ଚଳକୁ ଜଳ ସେଚନର ବ୍ୟବସ୍ଥା ପାଇଁ |

| କ୍ର. ସଂ | ଯୋଜନାର ନାମ (ମୁଖ୍ୟ ଶିର୍ଷ) | ସର୍ବମୋଟ ଅନୁଦାନ | ପ୍ରତ୍ୟାର୍ପଣ ରାଶ | ଯୋଜନା/ ପରିକଳ୍ପନା/ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ |
|---|---|---|---|---|
| | 1,246.56 କୋଟି ଆନୁମାନିକ ମୂଲ୍ୟର ଗଙ୍ଗାଧର ମେହେର ଉଠା କେନାଲ ଯୋଜନାକୁ କାର୍ଯ୍ୟକାରୀ କରିବାକୁ 2017-18 ବର୍ଷରେ ଗ୍ରହଣ କରାଯାଇଥିଲା । କିନ୍ତୁ 2017-18 ରେ ବଜେଟ୍ ବ୍ୟବସ୍ଥା କରାଯାଇନଥିଲା । ବର୍ଷ 2018-19 ରେ 200 କୋଟି ଟଙ୍କାର ବଜେଟ ବ୍ୟବସ୍ଥା ମଧ୍ୟରୁ ବିଭାଗ ମାତ୍ର 1.16 କୋଟି ଟଙ୍କା ବିନିଯୋଗ କରିପାରିଥିଲା । | | | |
| 3 | 4700-16(001,789,796,800)-2954- ନିମ୍ନତର ସୁକତେଲ ଜଳସେଚନ ପ୍ରକଳ୍ପ | 459.57 | 190.39 | ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର 31,830 ହେକ୍ଟର ଚାଷ ଜମିକୁ ଜଳ ସେଚନ କରିବା ପାଇଁ ଏବଂ ବଲାଙ୍ଗିର ସହରକୁ ଜଳଯୋଗାଣ ପାଇଁ ପ୍ରକଳ୍ପଟି ନଭେମ୍ବର 2001 ରେ ଆରମ୍ଭ କରାଯାଇଥିଲା । |
| | ଭୂଗର୍ଭସ୍ଥ ପାଇପ୍ ଲାଇନ୍ ବ୍ୟବସ୍ଥାର ଚୂଡ଼ାନ୍ତରେ ମନ୍ଥରତା, ଜମି ଅଧିଗ୍ରହଣ ସମସ୍ୟା, ମନ୍ଥର କାର୍ଯ୍ୟ ଇତ୍ୟାଦି ଯୋଗୁଁ ଅର୍ଥର ବିନିଯୋଗ ହୋଇପାରି ନଥିଲା । | | | |
| 4 | 4700-01-(001,789,796,800)-(2160,2954)- ଆନନ୍ଦପୁର ବ୍ୟାରେଜ୍ | 537.55 | 356.93 | ସାଲନ୍ଦି ଜଳସେଚନ ବ୍ୟବସ୍ଥାକୁ ରବି ଓ ଖରିଫ୍ ଜଳ ଯୋଗାଣ ଥିଲା ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ । |
| | କେନ୍ଦ୍ରୀୟ ଜଳ କମିସନଙ୍କ ଡ୍ରଇଁ ଓ ଡିଜାଇନ୍ ଏବଂ ଜମି ଅଧିଗ୍ରହଣ ଘଟଣାଗୁଡ଼ିକର ବନ୍ଦୋବସ୍ତର ଚୂଡ଼ାନ୍ତ ହୋଇନଥିବା ଯୋଗୁଁ ଅନୁଦାନକୁ ଫେରସ୍ତ କରାଯାଇଥିଲା । | | | |

**ଉତ୍ସ** : ଓଡ଼ିଶା ସରକାରଙ୍କ 2018-19 ବର୍ଷ ର ବିନିଯୋଗ ହିସାବ

ମାତ୍ରାଧିକ ବ୍ୟବସ୍ଥାର ଫେରସ୍ତ ବିଭାଗର ବ୍ୟୟ ପଦ୍ଧତିର ବିଫଳତାକୁ ଦର୍ଶାଉଥିଲା । ଫଳରେ ଯୋଜନା/ ପରିକଳ୍ପନା ଉଦ୍ଦେଶ୍ୟ ପାଇଁ ପାଣ୍ଠିର ବ୍ୟବସ୍ଥା କରାଯାଇଥିଲା, ତାହା ହାସଲ ହୋଇପାରିଲା ନାହିଁ ।

````
````

# ଅଧ୍ୟାୟ-III

# ଦ୍ୱିତୀୟ ପ୍ରତିବେଦନ

অধ্যায় III

# ବିତ୍ତୀୟ ପ୍ରତିବେଦନ

ଅଧ୍ୟାୟ

III

ଏକ ବିଶ୍ୱସନୀୟ ଆର୍ଥିକ ପ୍ରତିବେଦନ ପ୍ରଣାଳୀ ପାଣ୍ଠିର ବିନିଯୋଗ ଉପରେ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥିଏ । ଏହି ଅଧ୍ୟାୟରେ ବିଭିନ୍ନ ଆର୍ଥିକ ନିୟମ ପଦ୍ଧତି ଏବଂ ନିର୍ଦ୍ଦେଶନାଗୁଡ଼ିକର ଅନୁପାଳନର ସ୍ଥିତି ଉପରେ ଆଲୋକପାତ କରାଯାଇଛି ।

## 3.1 ବ୍ୟକ୍ତିଗତ ଜମା ଖାତା

### 3.1.1 ବ୍ୟକ୍ତିଗତ ଜମା ଖାତାର ଢାଞ୍ଚା

ବ୍ୟକ୍ତିଗତ ଜମା ଗୁଡ଼ିକୁ ବ୍ୟାଙ୍କ ଖାତା ଆକାରରେ ରାଜକୋଷରେ ରଖା ଯାଇଥାଏ । ସେଗୁଡ଼ିକ ସାଧାରଣତଃ ଦୁଇ ପ୍ରକାରର ଥାଏ ଯଥା–ବ୍ୟକ୍ତିଗତ ଲେଜର ହିସାବ ଖାତା ଅଥବା ବ୍ୟକ୍ତିଗତ ଜମା ଖାତା । ଓଡ଼ିଶା ରାଜକୋଷ ସଂହିତା ଖଣ୍ଡ - I ଅଧିନିୟମ 423 ଅନୁଯାୟୀ ମହାଲେଖାକାରଙ୍କ ବିନା ପରାମର୍ଶରେ ଏକ ବ୍ୟକ୍ତିଗତ ଜମା ଖାତା ଖୋଲା ଯାଇପାରିବ ନାହିଁ ।

ଓଡ଼ିଶା ବଜେଟ୍ ମାନୁଆଲ ଧାରା 141 ଏବଂ ଉପଧାରା (3) ଅନୁଯାୟୀ ତତ୍କାଳ ବ୍ୟବହାର ପାଇଁ ଆବଶ୍ୟକ ନ ଥିଲେ କୋଷାଗାରରୁ ପାଣ୍ଠି ଉଠାଇବା ଉଚିତ୍ ନୁହେଁ । ବଜେଟ ଆବଣ୍ଟନର ସମାପ୍ତିକୁ ଏଡ଼ାଇବା ପାଇଁ କୋଷାଗାରରେ ଥିବା ରାଜସ୍ୱ ହିସାବରୁ ଟଙ୍କା ଉଠାଇ (ଯାହା କି ରାଜ୍ୟ ଶିର୍ଷ ସଂଗଠିତ ପାଣ୍ଠିର ଅଂଶ ବିଶେଷ) ବ୍ୟକ୍ତିଗତ ଜମା ଖାତାରେ ରଖିବା ଅନୁମୋଦିତ ନୁହେଁ ।

31 ମାର୍ଚ୍ଚ 2019 ସୁଦ୍ଧା 831 ଟି ବ୍ୟକ୍ତିଗତ ଜମାଖାତାରେ 17,503.50 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଥିଲା, ଯାହାର ସବିଶେଷ ବିବରଣୀ ସାରଣୀ 3.1 ରେ ଦର୍ଶାଯାଇଛି । ମୁଖ୍ୟତଃ ଓଡ଼ିଶା ମିନେରାଲ ଏରିଆଜ୍ ଡେଭଲପ୍‌ମେଣ୍ଟ କର୍ପୋରେସନ (ଓଏମ୍‌ବିଏଡିସି) ର ବ୍ୟକ୍ତିଗତ ଜମା ଖାତାରେ ବକେୟା ରାଶି କ୍ଷେତ୍ରରେ 11,568.18 କୋଟିଟଙ୍କା ( 2017-18) ରୁ 14,328.50 କୋଟି ଟଙ୍କା (2018-19) କୁ ବୃଦ୍ଧି (23.86 ପ୍ରତିଶତ) କାରଣରୁ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷରେ ବକେୟା ରାଶି କ୍ଷେତ୍ରରେ 29.57 ପ୍ରତିଶତ ବୃଦ୍ଧି ଘଟିଥିଲା ।

### *3.1.2 ଓଡ଼ିଶାର ବ୍ୟକ୍ତିଗତ ଜମାଖାତା ହିସାବର ସ୍ଥିତି*

ସାରଣୀ -**3.1:** ବ୍ୟକ୍ତିଗତ ଜମା ଖାତା

(ଟଙ୍କା କୋଟିରେ)

| 01/04/2018 ସୁଦ୍ଧା ପ୍ରାରମ୍ଭିକ ରାଶି | | 2018-19 ରେ ଯୋଗ ହୋଇଥିବା | | ବନ୍ଦ ହୋଇଥିବା ପିଡ଼ି ହିସାବର ଖାତା ସଂଖ୍ୟା | ବନ୍ଦ ହୋଇଥିବା ପିଡ଼ି ହିସାବ ଖାତା ସହିତ ବର୍ଷ ମଧ୍ୟରେ ହୋଇଥିବା ବ୍ୟୟ | 31/ 03/2019 ସୁଦ୍ଧା ବକେୟା ରାଶି | |
|---|---|---|---|---|---|---|---|
| ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ |
| 836 | 13,509.35 | 1 | 8,459.10 | 6 | 4,464.96 | 831 | 17,503.50 |

ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ଓଡ଼ିଶା

ସାରଣୀ **3.1** ଅନୁଯାୟୀ 2018-19 ବର୍ଷରେ ଛଅଟି ଅକାମୀ ବ୍ୟକ୍ତିଗତ ଜମାଖାତାକୁ ବନ୍ଦ କରାଯାଇଥିବା ବେଳେ ଗୋଟିଏ ନୂଆ ବ୍ୟକ୍ତିଗତ ଜମାଖାତା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ), ଓଡ଼ିଶାଙ୍କ ପୂର୍ବ ଅନୁମୋଦନରେ ଖୋଲା ଯାଇଥିଲା। 8,459.10 କୋଟି ଟଙ୍କା[1] ଏହି ହିସାବ ଖାତାଗୁଡ଼ିକୁ ହସ୍ତାନ୍ତର କରାଯାଇଥିଲା । 2018-19 ବର୍ଷ ଶେଷ ସୁଦ୍ଧା କ୍ରମବର୍ଦ୍ଧନଶୀଳ ଅବଶେଷ ରାଶି କ୍ଷେତ୍ରରେ 3,994.15 କୋଟି ଟଙ୍କା (29.57 ପ୍ରତିଶତ) ନିଟ୍ ବୃଦ୍ଧି ଘଟିଥିଲା, ଯାହାର ବିବରଣୀ ରେଖାଚିତ୍ର 3.1 ରେ ପ୍ରଦତ୍ତ ହେଲା।

**ରେଖାଚିତ୍ର 3.1: 2014-19 ମଧ୍ୟରେ ବ୍ୟକ୍ତିଗତ ଜମା ଖାତାରେ ଅବଶେଷ**




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଅନ୍ତିମ ଅବଶେଷ ରାଶିର ବିଶ୍ଳେଷଣରୁ ଜଣାଗଲା ଯେ, 31 ମାର୍ଚ୍ଚ 2019 ସୁଦ୍ଧା 17,503.50 କୋଟି ଟଙ୍କା ମଧ୍ୟରୁ 14,328.50 କୋଟି ଟଙ୍କା (81.86 ପ୍ରତିଶତ) ଓଡ଼ିଶା ମିନେରାଲ ବିୟରିଂ ଏରିଆଜ୍ ଡେଭ୍ଲପ୍‌ମେଣ୍ଟ କର୍ପୋରେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ବ୍ୟକ୍ତିଗତ ଜମାଖାତା ଅନ୍ତର୍ଭୁକ୍ତ। ଅବଶିଷ୍ଟ 3,175 କୋଟି ଟଙ୍କା (17,503.50 କୋଟି ଟଙ୍କା – 14,328.50 କୋଟି ଟଙ୍କା) ନିମ୍ନ କାର୍ଯ୍ୟାଳୟ ଗୁଡ଼ିକ ଦ୍ୱାରା ପରିଚାଳିତ ବ୍ୟକ୍ତିଗତ ଜମାଖାତା ଅନ୍ତର୍ଭୁକ୍ତ ଥିଲା ଯଥା: (i) 115 ଟି ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକର ବ୍ୟକ୍ତିଗତ ଜମାଖାତାରେ 1,081.48 କୋଟି ଟଙ୍କା (ii) 314 ଟି ଗ୍ରାମାଞ୍ଚଳ ସ୍ଥାନୀୟ ସଂସ୍ଥାର ବ୍ୟକ୍ତିଗତ ଜମାଖାତାରେ 675.82 କୋଟି ଟଙ୍କା (iii) 297 ଟି ଶିକ୍ଷା ଅନୁଷ୍ଠାନ ଗୁଡ଼ିକର ବ୍ୟକ୍ତିଗତ ଜମାଖାତାରେ 82.43 କୋଟି ଟଙ୍କା ଏବଂ (iv) 104 ଟି ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକ ଯଥା: ଡିଷ୍ଟ୍ରିକ୍ଟ ରୁରାଲ ଡେଭଲପ୍‌ମେଣ୍ଟ ଏଜେନ୍ସି, ଇଣ୍ଟିଗ୍ରାଲ୍ ଟ୍ରାଇବାଲ୍ ଡେଭଲପମେଣ୍ଟ ଏଜେନ୍ସି, ମେଡିକାଲ ଏବଂ ଚାରିଟେବୁଲ୍ ଏଜେନ୍ସିଜ୍ ମାନଙ୍କର ବ୍ୟକ୍ତିଗତ ଜମାଖାତା ଗୁଡ଼ିକରେ 1,335.27 କୋଟିଟଙ୍କା ଥିଲା । ବ୍ୟକ୍ତିଗତ ଜମାଖାତାଗୁଡ଼ିକରେ ଖର୍ଚ୍ଚ ନ ହୋଇ ପଡ଼ିରହିଥିବା ଅବଶେଷ ରାଶିଗୁଡ଼ିକୁ ରାଜ୍ୟ ଏକତ୍ରୀକୃତ ନିଧିକୁ ସ୍ଥାନାନ୍ତର ନ କରିବା ସରକାରୀ ଟଙ୍କାର ଅପବ୍ୟବହାର, ଠକେଇ ଏବଂ ଆତ୍ମସାତକୁ ଆମନ୍ତ୍ରଣ କରିଥାଏ। .

[1] ପୂର୍ବରୁ ଥିବା ବ୍ୟକ୍ତିଗତ ହିସାବ ଖାତାରେ 8439.10 କୋଟି ଟଙ୍କା ଏବଂ ନୂତନ ଭାବେ ସୃଷ୍ଟି ହୋଇଥିବା ପିଡି ହିସାବ ଖାତାରେ 20 କୋଟି ଟଙ୍କା

### 3.1.3 ଅକାମୀ / ବନ୍ଦ ପଡ଼ିଥିବା ବ୍ୟକ୍ତି ଗତ ଜମା ଖାତା

ଓଡ଼ିଶା କୋଷାଗାର ସଂହିତା ପ୍ରଥମ ଖଣ୍ଡର ସଂପୂରକ ନିୟମାବଳୀ 423 ଅନୁଯାୟୀ ଯଦି କୌଣସି ବ୍ୟକ୍ତିଗତ ଜମା ଖାତାରେ ଶେଷ ଥର କାରବାର ହେବାର ସଂପୂର୍ଣ୍ଣ ତିନି ବର୍ଷ ପର୍ଯ୍ୟନ୍ତ ଆଉ କୌଣସି କାରବାର ହୋଇ ନଥିବ ତେବେ ଉକ୍ତ ବ୍ୟକ୍ତିଗତ ଜମାଖାତା ସ୍ୱତ ବନ୍ଦ ହୋଇଯାଏ ଏବଂ ଜମା ରହିଥିବା ରାଶି ସ୍ଥିତିଚ୍ୟୁତ ଘଟି ସରକାରଙ୍କ ଖାତାକୁ ଚାଲିଯାଇଥାଏ । ଏଥିପାଇଁ ପ୍ରତିବର୍ଷ 31 ମାର୍ଚ୍ଚ ଶେଷରେ ପ୍ରତି କୋଷାଗାର ଅଧିକାରୀ ମାନେ ଏହିପରି ବ୍ୟକ୍ତିଗତ ଜମାଖାତାର ତାଲିକା ସହ ସ୍ଥିତିଚ୍ୟୁତ ହେଉଥିବା ରାଶିର ପରିମାଣ (ଲାପ୍ସ ଆକାଉଣ୍ଟ) ମହାଲେଖାକାରଙ୍କୁ ଜଣାଇବେ ।

2018-19 ବର୍ଷ ମଧ୍ୟରେ ଛଅଟି ବ୍ୟକ୍ତିଗତ ଜମା ଖାତା ଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା । ଏହା ସହ ବ୍ୟକ୍ତିଗତ ଜମା ଖାତାଗୁଡ଼ିକରେ ଶେଷଥର କାରବାର ପରେ ସମ୍ପୂର୍ଣ୍ଣ ତିନି ବର୍ଷ ଧରି ଅଚଳ ହୋଇ ପଡ଼ିଥିବା 15 ଟି ବ୍ୟକ୍ତିଗତ ଜମା ଖାତାକୁ ବନ୍ଦ କରିବାକୁ ଥିଲା । ଏହି 15 ଟି ହିସାବ ଖାତାରେ 5.86 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଥିଲା ଯାହାର ବିବରଣୀ **ପରିଶିଷ୍ଟ 3.1** ରେ ପ୍ରଦତ୍ତ। ଏହି 15 ଟି ବ୍ୟକ୍ତିଗତ ଜମା ଖାତା ମଧ୍ୟରୁ ଛଅଟିରେ କୌଣସି ରାଶି ଜମା ନ ଥିଲା । ବାକି ନଅଟି ବ୍ୟକ୍ତିଗତ ଜମା ଖାତା ଗୁଡ଼ିକର ଜମା ପରିମାଣ ଏକ ଲକ୍ଷରୁ 288.55 ଲକ୍ଷ ଟଙ୍କା ମଧ୍ୟରେ ଥିଲା ।

### 3.1.4 ବ୍ୟକ୍ତିଗତ ଜମା ଖାତା (ପିଡ଼ି ଆକାଉଣ୍ଟ ଗୁଡ଼ିକର ଅମିଳାମିଶା)

ବ୍ୟକ୍ତିଗତ ଜମାଖାତାର ପରିଚାଳକ ମାନେ ପ୍ରତିବର୍ଷ ଏହି ଆକାଉଣ୍ଟରେ ଥିବା ରାଶି ସହିତ କୋଷାଗାରା (ଟ୍ରେଜେରୀ) ଆକାଉଣ୍ଟର ରାଶି ସହିତ ମେଳ କରାଇବା ଦରକାର । ମାତ୍ର 31 ମାର୍ଚ୍ଚ 2019 ସୁଦ୍ଧା 831 ଟି ବ୍ୟକ୍ତିଗତ ଜମାଖାତା ମଧ୍ୟରୁ 747 ଟି ବ୍ୟକ୍ତିଗତ ଜମା ଖାତାଗୁଡ଼ିକୁ (90 ପ୍ରତିଶତ) ଟ୍ରେଜେରୀ ଆକାଉଣ୍ଟ ସହିତ ମେଳ କରାଯାଇଥିଲା ।

ସରକାର କହିଲେ ଯେ ବ୍ୟକ୍ତିଗତ ଜମାଖାତାର ପରିଚାଳନାରେ ଥିବା ଅବ୍ୟବସ୍ଥା ଦୂର କରିବା ପାଇଁ ସେଗୁଡ଼ିକର ମିଳାମିଶା ନିୟମିତ ଭାବେ କରାଯାଉଛି ଏବଂ ଅକାମୀ ଥିବା 15 ଟି ବ୍ୟକ୍ତିଗତ ଜମାଖାତାର ବିଶ୍ଳେଷଣ ଏକ ନିର୍ଦ୍ଦିଷ୍ଟ ସମୟ ସୀମା କରିବା ପାଇଁ ଆଗକୁ ପଦକ୍ଷେପ ନିଆଯିବ । ଯଦି ସେମାନଙ୍କର ଚାଲୁ ରଖିବାର ଆବଶ୍ୟକତା ନଥିବା ତେବେ ସେଗୁଡ଼ିକ ବନ୍ଦ କରି ଦିଆଯିବ।

**ସୁପାରିଶ** 9 **:** ଅର୍ଥ ବିଭାଗ ଏହି ବ୍ୟକ୍ତିଗତ ଜମାଖାତା ଗୁଡ଼ିକରେ ଅନାବଶ୍ୟକ ହୋଇ ପଡ଼ିଥିବା ରାଶିଗୁଡ଼ିକର ସମୀକ୍ଷା କରି ଏଗୁଡ଼ିକୁ ତୁରନ୍ତ ସରକାରଙ୍କର ଏକତ୍ରିକୃତ ପାଣ୍ଠିକୁ ପ୍ରେରଣ କରିବା ଦରକାର ।

## 3.2 ହିସାବ ଖାତାର ଅସ୍ୱଚ୍ଛତା

ଯେତେବେଳେ ଏହି ହିସାବ ଖାତା ପାଇଁ ଉପଯୁକ୍ତ ଲଘୁ ଶିର୍ଷକ ପ୍ରଦାନ କରାଯାଇନଥାଏ ତେବେ ଲଘୁ ଶିର୍ଷକ 800 ସମ୍ବନ୍ଧୀୟ ଅନ୍ୟ ପ୍ରାପ୍ତି ଓ ବ୍ୟୟକୁ ଏଥିଲାଗି ନିୟୋଜିତ କରିବା ଲାଗି ଉଦ୍ଦିଷ୍ଟ ଥାଏ । ହିସାବ ଖାତାକୁ ଅସ୍ୱଚ୍ଛ ନ ହେବାକୁ ଦୃଷ୍ଟିରେ ରଖି ଲଘୁ ଶିର୍ଷକ 800 ର ନିୟମିତ ପରିଚାଳନାକୁ ନିରୁତ୍ସାହିତ କରାଯିବାର ଅଛି ।

ମାତ୍ର 2017-18 ଏବଂ 2018-19 ବର୍ଷରେ ଏହି ଲଘୁ ଶିର୍ଷକରେ ହୋଇଥିବା କାରାବାର ନିମ୍ନୋକ୍ତ ସାରଣୀ 3.2 ରେ ସବିଶେଷ ପ୍ରଦାନ କରାଗଲା ।

ସାରଣୀ **3.2:** ଲଘୁ ଶିର୍ଷକ 800 ଅଧିନରେ ପ୍ରାପ୍ତି ଓ ବ୍ୟୟ

| ବର୍ଷ | ପ୍ରାପ୍ତି[2] (କୋଟି ଟଙ୍କାରେ) | ମୁଖ୍ୟ ଶିର୍ଷକ ଗୁଡ଼ିକର ସଂଖ୍ୟା ଯାହା ଅଧିନରେ 800 – ଲଘୁଶିର୍ଷକ ପରିଚାଳିତ ହୋଇଥିଲା | ଲଘୁ ଶିର୍ଷକ 800 ରେ ପ୍ରାପ୍ତି (କୋଟି ଟଙ୍କାରେ) (ପ୍ରତିଶତ) | ବ୍ୟୟ [3] (କୋଟି ଟଙ୍କାରେ) | ମୁଖ୍ୟ ଶିର୍ଷକ ଗୁଡ଼ିକର ସଂଖ୍ୟା ଯାହା ଅଧିନରେ 800 – ଲଘୁ ଶିର୍ଷକ ପରିଚାଳିତ ହୋଇଥିଲା | ଲଘୁ ଶୀର୍ଷକ 800 ରେ ହୋଇଥିବା ବ୍ୟୟ (କୋଟି ଟଙ୍କାରେ) (ପ୍ରତିଶତ) |
|---|---|---|---|---|---|---|
| **2017-18** | 85,204 | 52 | 1,585 (2) | 92,946 | 56 | 14,006 (15) |
| **2018-19** | 99,546 | 55 | 1,469 (2) | 108,838 | 59 | 14,774(14) |

ଉତ୍ସ : ବିତ୍ତିୟ ହିସାବ

ପୁନଶ୍ଚ ଏହା ଦେଖାଗଲା କି, ଆଠଟି ମୁଖ୍ୟ ଶୀର୍ଷକର 114.57 କୋଟି ଟଙ୍କାର ସମସ୍ତ ପ୍ରାପ୍ତିକୁ ଲଘୁ ଶୀର୍ଷକ 800 **(ପରିଶିଷ୍ଟ 3.2)** ରେ ବୁକ୍ କରାଯାଇଥିଲା । ସେହିପରି 15 ଟି ମୁଖ୍ୟ ଶୀର୍ଷକ (**ପରିଶିଷ୍ଟ 3.3**) ଅଧିନରେ ଥିବା ସମୁଦାୟ ବ୍ୟୟ ପ୍ରତ୍ୟେକ 50 ପ୍ରତିଶତରୁ ଅଧିକ ଲଘୁ ଶୀର୍ଷକ 800 (ଅନ୍ୟ ବ୍ୟୟ)ରେ ହିସାବ ଖାତା ଅର୍ନ୍ତଭୁକ୍ତ କରାଯାଇଥିଲା। ଲଘୁ ଶୀର୍ଷକ 800 - ଅନ୍ୟପ୍ରାପ୍ତି / ବ୍ୟୟ ଅଧିନରେ ପ୍ରାପ୍ତି ଓ ବ୍ୟୟଗୁଡ଼ିକର ଶ୍ରେଣୀଭୁକ୍ତ ଭାରତର ମହାଲେଖା ନିୟନ୍ତ୍ରଣ ଓ ମହା ସମୀକ୍ଷକଙ୍କ ପୂର୍ବ ପ୍ରତିବେଦନଗୁଡ଼ିକରେ ସର୍ବଦା ଦର୍ଶାଯାଉଥିଲେ ମଧ ଏହି କ୍ଷେତ୍ରରେ ଉନ୍ନତି କମ୍ ହେବାର ଦେଖାଯାଇଥିଲା। ଏହାର ସବିଶେଷ ତଥ୍ୟ ହେଉଛି ଯେ, ଉଦ୍ଦିଷ୍ଟ ମୁଖ୍ୟ ଶୀର୍ଷକ ଅଧିନରେ ଥିବା ପ୍ରାପ୍ତି / ବ୍ୟୟର ପ୍ରଚୁର ଭାଗ ଲଘୁ ଶୀର୍ଷକ 800 ଅଧିନରେ ହିସାବଭୁକ୍ତ ହେବା ଏକ ଉଦ୍‌ବେଗ ଜନକ ବିଷୟ, କାରଣ ଏହା ସ୍ୱଚ୍ଛତାକୁ ବହୁମାତ୍ରାରେ ପ୍ରଭାବିତ କରିଥାଏ ।

## 3.3 ସ୍ୱାୟତ୍ତ ନିକାୟମାନଙ୍କ ଦ୍ୱାରା ବାର୍ଷିକ ହିସାବର ଅନୁପସ୍ଥାପନ

ଭାରତର ମହାଲେଖାକାର ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବ ସର୍ତ୍ତାବଳୀ 1971) ଅଧିନିୟମ ଧାରା 19 କିମ୍ବା 20 ଅଧିନରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ସ୍ୱୟତ ନିକାୟ ଗୁଡ଼ିକର ପ୍ରମାଣିକରଣ କରାଯାଇଥାଏ । (ସିଏଜି ଡ଼ିପିସି ଆକ୍ଟ ଧାରା)

ସିଏଜି ଡ଼ିପିସି ଆକ୍ଟ ଧାରା 19 କିମ୍ବା 20 ଅନୁସାରେ ଯେଉଁ ସ୍ୱାୟତ୍ତ ନିକାୟ ଗୁଡିକ ସମୀକ୍ଷା ପରିସରଭୁକ୍ତ ସେମାନେ ପ୍ରତିବର୍ଷ ଜୁନ 30 ପୂର୍ବରୁ ସେମାନଙ୍କର ବାର୍ଷିକ ହିସାବ (ଆନୁଆଲ ଆକାଉଣ୍ଟ)କୁ ସମୀକ୍ଷା ଉଦ୍ଦେଶ୍ୟରେ ଉପଲବ୍ଧ କରାଇବେ। 11 ଟି ସ୍ୱାୟତ୍ତ ନିକାୟ ମାନଙ୍କର ବାର୍ଷିକ ହିସାବ ଖାତା ଏକ ବର୍ଷରୁ ସାତ ବର୍ଷ ବିଳମ୍ବରେ ସିଏଜିକୁ ଉପଲବ୍ଧ କରାଯାଇଥିଲା (ସାରଣୀ 3.3) ।

ସାରଣୀ **3.3:** ବିଳମ୍ବରେ ସମର୍ପିତ ହୋଇଥିବା ସ୍ୱାୟତ ନିକାୟ ଗୁଡ଼ିକର ବାର୍ଷିକ ହିସାବ ଖାତା ବର୍ଷ ଅନୁସାରେ

| କ୍ର.ସଂ | ବର୍ଷ ଭିତ୍ତିକ ବିଳମ୍ବ | ସ୍ୱାୟତ୍ତ ନିକାୟଙ୍କ ସଂଖ୍ୟା / ପ୍ରାଧିକାରୀ |
|---|---|---|
| 1 | 0 | 1 |
| 2 | 1 | 1 |
| 3 | 7 ଏବଂ ଅଧିକ | 9 |
| **ମୋଟ** | | **11** |

ଉତ୍ସ : ବିତ୍ତୀୟ ବିଭାଗ, ଓଡ଼ିଶା ସରକାର

---

[2] ରାଜସ୍ୱ ପ୍ରାପ୍ତି

[3] ଉଭୟ ରାଜସ୍ୱ ଏବଂ ପୁଞ୍ଜିକୁ ନେଇ

ଏହି 11 ଜଣ ନିକାୟ/ ପ୍ରାଧିକାରୀମାନଙ୍କ ମଧ୍ୟରୁ 2 ଟି ନିକାୟ / ପ୍ରାଧିକାରୀ ଯଥା ଓଡ଼ିଶା ଲିଗାଲ ସର୍ଭିସ ଅଥରିଟି (ଓଏସଏଲଏ) ଏବଂ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ କଲ୍ୟାଣ ନିଗମ 2017-18 ଓ 2018-19 ପର୍ଯ୍ୟନ୍ତ କ୍ରମାନ୍ୱୟରେ ସେମାନଙ୍କର ବିତ୍ତୀୟ ହିସାବ ସମୀକ୍ଷା ପାଇଁ ଉପଲବ୍ଧ କରାଇଥିଲେ ।

ବାକି 9 ନିକାୟ / କର୍ତ୍ତୃପକ୍ଷଙ୍କ[4] 2018-19 ପର୍ଯ୍ୟନ୍ତ ବକେୟା ବାର୍ଷିକ ହିସାବ ଜାନୁଆରୀ 2020 ସୁଦ୍ଧା ପ୍ରାପ୍ତ ହୋଇନଥିଲା । ଏମାନଙ୍କର ହିସାବ ପିଛିଲା ସାତ ବର୍ଷରୁ ଅଧିକ ହେବ ବକେୟା ପଡ଼ିରହିଛି ।

ଏହି ବାର୍ଷିକ ହିସାବର ଅନୁପସ୍ଥିତିରେ ଏହାର ହିସାବ ନିକାଶ ଏବଂ ଏହି ନିକାୟ/ ପ୍ରାଧିକାରୀ ମାନଙ୍କୁ ଦିଆଯାଇଥିବା ଅନୁଦାନ ଓ ଋଣର ବିନିଯୋଗକୁ ଅଡ଼ିଟ୍ ଦ୍ୱାରା ସମୀକ୍ଷା କରାଯାଇ ପାରିନଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ରାଜ୍ୟ ସରକାର କହିଲେ (ମଇ 2020) ଯେ ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଏହା ଅଧିନରେ ଥିବା ଉନ୍ନୟନ କର୍ତ୍ତୃପକ୍ଷ ଗୁଡ଼ିକୁ ସେମାନଙ୍କର ସମସ୍ତ ବକେୟା ବାର୍ଷିକ ହିସାବଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ଯୋଗାଯୋଗ କରାଯିବ । ସାମ୍ପ୍ରତିକ ବର୍ଷ ଗୁଡ଼ିକର ହିସାବ ଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଯୋଗାଇଦେବାକୁ ସେମାନଙ୍କୁ କୁହାଯିବ । ସଂପୃକ୍ତ ସ୍ୱାୟତ୍ତ ନିକାୟ ଗୁଡ଼ିକ ପିଛିଲା ବାର୍ଷିକ ହିସାବ ଗୁଡ଼ିକୁ ସମାପ୍ତ କରିବା ପାଇଁ ଏକ କାର୍ଯ୍ୟଯୋଜନା ପ୍ରଦାନ କରିବା ଦରକାର ।

**ସୁପାରିଶ:** ଅର୍ଥ ବିଭାଗ ବିତ୍ତୀୟ ହିସାବର ପିଛିଲା ଭାବରେ ଚାଲୁଥିବା ସମସ୍ତ ସ୍ୱାୟତ୍ତ ନିକାୟ ଗୁଡ଼ିକର ସମୀକ୍ଷା କରିବା ଦରକାର ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସେହି ବିତ୍ତୀୟ ହିସାବ ଗୁଡ଼ିକର ସାମ୍ପ୍ରତିକର ସୁନିଶ୍ଚିତ କରିବା ଦରକାର ।

## 3.4 ବିନିଯୋଗ ପ୍ରମାଣ ପତ୍ରର ଉପସ୍ଥାପନା ନ କରିବା

ସରକାର କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବିଭିନ୍ନ ନିକାୟ ଗୁଡ଼ିକୁ ଅନୁଦାନ ପ୍ରଦାନ କରିଥାନ୍ତି । ଓଡ଼ିଶା ସାଧାରଣ ବିତ୍ତୀୟ ନିୟମ (ଓଜିଏଫଆର) 173 ଅନୁସାରେ ବିଭାଗୀୟ ଅଧିକାରୀମାନେ ଅନୁଦାନ ଗ୍ରହଣକାରୀଙ୍କ ଠାରୁ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଲାଗି ଦିଆଯାଇଥିବା ଅନୁଦାନର ବିନିଯୋଗ ପ୍ରମାଣ ପତ୍ର ଉପଲବ୍ଧ କରି ଅନୁଦାନଗୁଡ଼ିକର ଉଦ୍ଦିଷ୍ଟ ଲକ୍ଷ୍ୟରେ ଖର୍ଚ୍ଚ ହୋଇଥିବା ପ୍ରମାଣ ସ୍ୱରୂପ ଏହି ପ୍ରମାଣ ପତ୍ର ପରବର୍ତ୍ତୀ ବର୍ଷ 30 ଜୁନ ସୁଦ୍ଧା ପ୍ରଧାନ ମହାଲେଖାକାର (ଲେଖା ଏବଂ ହକଦାରୀ) ଓଡ଼ିଶାଙ୍କୁ ପ୍ରେରଣ କରିବେ । ବିନିଯୋଗ ପ୍ରମାଣ ପତ୍ର ଉପସ୍ଥାପନ ନ କରି କିମ୍ବା ଏଥିରେ ବିଳମ୍ବ କରିବା ଦ୍ୱାରା ପାଣ୍ଠି ବିନିଯୋଗ ଉପରେ ନିୟନ୍ତ୍ରଣକୁ ଦୁର୍ବଳ କରିଥାଏ ଏବଂ ପାଣ୍ଠିର ବିପଥଗାମୀ, ତୋଷାରପାତ ଏବଂ ଅପବ୍ୟବହାର ହେବାର ସୁଯୋଗ ପ୍ରଦାନ କରିଥାଏ ।

2018-19 ବର୍ଷରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା 25,957.25 କୋଟି ଟଙ୍କାର ଅନୁଦାନରୁ (34,317 ଭାଉଚର) 19,371.21 କୋଟି ଟଙ୍କା (74.63 ପ୍ରତିଶତ) (3,078 ଭାଉଚର) ବିନିଯୋଗ ପ୍ରମାଣପତ୍ର ପ୍ରାପ୍ତ ହୋଇନାହିଁ । ଏଣୁକରି ଉକ୍ତ 19,371.21 କୋଟି ଟଙ୍କା ପ୍ରାଧିକୃତ ଉଦ୍ଦେଶ୍ୟରେ ବ୍ୟୟ ହେବାର ମଧ୍ୟ କୌଣସି ପ୍ରତିଶୃତି ନାହିଁ (ମାର୍ଚ୍ଚ 2019 ସୁଦ୍ଧା)। ପ୍ରଧାନ ମହାଲେଖାକାର (ଲେଖା ଏବଂ ହକଦାରୀ) ଓଡ଼ିଶାଙ୍କ ବହିରେ 37 ବିଭାଗ[5] କ୍ଷେତ୍ରରେ 45,340.89 କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର 2003-04 ଠାରୁ ପାଇବାର ବାକି ଅଛି । 29,138 ଟି ଜିଆଇଏ ଭାଉଚର ଅନୁଦାନର ବାର୍ଷିକ ଭିତିରେ ବିନିଯୋଗ ପ୍ରମାଣ ପତ୍ର ସବିଶେଷ **ସାରଣୀ-3.4** ରେ ଦର୍ଶାଯାଇଛି ।

---

4 ସ୍ୱାସ୍ଥ୍ୟ ଏବଂ ସହର ବିକାଶ ବିଭାଗର (i) ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, (ii) ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, (iii) କଟକ ଉନ୍ନୟନ ଅଧିକାରୀ, (iv) କଳିଙ୍ଗ ନଗର ଜୟପୁର ଉନ୍ନୟନ କର୍ତ୍ତୃପକ୍ଷ, (v) ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷ, (vi) ପୁରୀ -କୋଣାର୍କ ଉନ୍ନୟନ ଅଧିକାରୀ, (vii) ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, (viii) ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ, (ix) ତାଳଚେର - ଅନୁଗୁଳ – ମେରାମୁଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ

5 ନିମ୍ନ ବିଭାଗ ଗୁଡ଼ିକୁ ଛାଡ଼ି -(I) ଓଡ଼ିଶା ବିଧାନ ସଭା (ii) ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ (iii) ଇସ୍ପାତ ଓ ଖଣିଜ ସମ୍ପଦ (iv) ସୂଚନା ଓ ସାଧାରଣ ସମ୍ପର୍କ ବିଭାଗ (v) ଅବକାରୀ ଓ ସାଧାରଣ ଉଦ୍ୟୋଗ (vi) ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ।

ସାରଣୀ **3.4:** ଅନୁଦାନ ବିଷୟରେ ପ୍ରଦାନ କରା ଯାଇନଥିବା ବିନିଯୋଗ ପ୍ରମାଣ ପତ୍ରର ବର୍ଷ ଭିତ୍ତିକ ସ୍ଥିତି

(କୋଟି ଟଙ୍କାରେ)

| ବର୍ଷ | ମାର୍ଚ୍ଚ 2019 ସୁଦ୍ଧା ସହାୟକ ଅନୁଦାନ, ଯାହାର ବିନିଯୋଗ ପ୍ରମାଣ ପତ୍ର ଅପେକ୍ଷିତ | |
|---|---|---|
| | ବିନିଯୋଗ ପ୍ରମାଣ ପତ୍ର ସଂଖ୍ୟା | ପରିମାଣ ରାଶି |
| 2014-15 ପର୍ଯ୍ୟନ୍ତ | 18,705 | 6,111.71 |
| 2015-16 | 2,146 | 3,724.44 |
| 2016-17 | 2,808 | 5,910.65 |
| 2017-18 | 2,401 | 10,222.88 |
| 2018-19 | 3,078 | 19,371.21 |
| ମୋଟ | **29,138** | **45,340.89** |

ଉତ୍ସ : ବିତ୍ତିୟ ହିସାବ, ଓଡ଼ିଶା ସରକାର

**ପରିଶିଷ୍ଟ 3.4** ରେ 37 ଟି ବିଭାଗର ବକେୟା ବିନିଯୋଗ ପ୍ରମାଣ ପତ୍ରର ସ୍ଥିତି ବିଭାଗ ଅନୁସାରେ ସୂଚିତ କରାଯାଇଅଛି । ମାର୍ଚ୍ଚ 2019 ସୁଦ୍ଧା ଆଠଟି ବିଭାଗର ବକେୟା ବିନିଯୋଗ ପ୍ରମାଣପତ୍ର ରାଶି ସମୁଦାୟ ବକେୟା ବିନିଯୋଗ ପ୍ରମାଣ ପତ୍ର ରାଶିର 92.47 ପ୍ରତିଶତ ଥିଲା (ରେଖାଚିତ୍ର 3.2) । 2017-18 ବର୍ଷ ତୁଳନାରେ ବକେୟା ବିନିଯୋଗ ପତ୍ର ରାଶି 2018-19 ବର୍ଷରେ 6,913 କୋଟି ଟଙ୍କା ବୃଦ୍ଧି ହୋଇଥିଲା (17.99 ପ୍ରତିଶତ) ।

ରେଖାଚିତ୍ର **3.2:** 31 ମାର୍ଚ୍ଚ 2019 ସୁଦ୍ଧା ବିଭାଗ କ୍ରମରେ ବକେୟା ବିନିଯୋଗ ପ୍ରମାଣ ପତ୍ର

(ଟଙ୍କା କୋଟିରେ)




**ପିଆର୍ ଆଣ୍ଡ ଡିଡବ୍ଲୁ:** ପଞ୍ଚାୟତି ରାଜ ଓ ପାନୀୟ ଜଳ, **ଏଚ୍‌ଆଣ୍ଡୟୁଡି:** ଗୃହ ଓ ନଗର ଉନ୍ନୟନ

**ଏସ୍‌ଆଣ୍ଡଏମ୍‌ଇ:** ବିଦ୍ୟାଳୟ ଓ ଗଣ ଶିକ୍ଷା, **ପିଆଣ୍ଡସି:** ଯୋଜନା ଓ ସମନ୍ୱୟ

**ଏଚ୍‌ଆଣ୍ଡଏଫ୍‌ଡବ୍ଲୁ:** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, **ଏଚଇ:** ଉଚ୍ଚ ଶିକ୍ଷା

**ଏସ୍‌ଟିଆଣ୍ଡଏସ୍‌ସି:** ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ବିକାଶ ଓ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ

**ଡବ୍ଲୁଆଣ୍ଡସିଡି:** ମହିଳା ଓ ଶିଶୁ ବିକାଶ

*ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଏବଂ ହକଦାରୀ) ଓଡ଼ିଶାଙ୍କ କାର୍ଯ୍ୟାଳୟ*

### *3.4.1 10 ବର୍ଷ ଠାରୁ ଅଧିକ କାଳ ବକେୟା ରହିଥିବା ବିନିଯୋଗ ପ୍ରମାଣ ପତ୍ର*

1,234.46 କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର (7,021 ଭାଉଚର) 19 ଟି ବିଭାଗରେ 10 ବର୍ଷ ଠାରୁ ଅଧିକ କାଳ ବକେୟା ପଡ଼ି ରହିଥିଲା । ମାର୍ଚ୍ଚ 2019 ସୁଦ୍ଧା ତାହା **ପରିଶିଷ୍ଟ 3.5** ରେ ଦର୍ଶାଗଲା। ପଂଚାୟତି ରାଜ (428.85 କୋଟି ଟଙ୍କା) ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (219.23 କୋଟି ଟଙ୍କା) ନଗର ଉନ୍ନୟନ ବିଭାଗ (246.44 କୋଟି ଟଙ୍କା) ଏବଂ ଯୋଜନା ଏବଂ ସମନ୍ୱୟ ବିଭାଗ (170.41 କୋଟି ଟଙ୍କା) ବିନିଯୋଗ ପ୍ରମାଣ ପତ୍ର 86.27 ପ୍ରତିଶତ ଅଙ୍କ ବକେୟା ରହିଛି । ବିନିଯୋଗ ପ୍ରମାଣ ପତ୍ର ଦାଖଲର ସ୍ଥିତିରେ ଆଜି ପର୍ଯ୍ୟନ୍ତ ସେପରି କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। ଅତ୍ୟଧିକ ବକେୟା ପ୍ରମାଣ ପତ୍ର ଯୋଗୁଁ ଅର୍ଥର ଅପବ୍ୟବହାର ଏବଂ ଆତ୍ମସାତର ପୂର୍ଣ୍ଣ ଭୟ ରହିଛି।

ସରକାର ତାଙ୍କ ଉତ୍ତରରେ କହିଲେ (ମେଇ 2020) ଯେ, ବିନିଯୋଗ ପ୍ରମାଣ ପତ୍ର ବକେୟାର ଉନ୍ନତି ପାଇଁ ବିଭାଗୱାରୀ ବକେୟା ରହିଥିବା ବିନିଯୋଗ ପ୍ରମାଣ ପତ୍ରର ସମୀକ୍ଷା କେନ୍ଦ୍ରୀୟ ସ୍ତରରେ ଅର୍ଥ ବିଭାଗ ଦ୍ୱାରା କରାଯିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବିଭାଗ ମୁଖ୍ୟଙ୍କ ସହିତ ବିନିଯୋଗ ପ୍ରମାଣ ପତ୍ର ଉପରେ ସମୀକ୍ଷା ବୈଠକ କରିବା ପାଇଁ ସରକାର ସମ୍ମତି ଦେଲେ।

**ସୁପାରିଶ *11*:** ଅର୍ଥ ବିଭାଗ ଠିକ୍ ସମୟରେ ଅନୁଦାନ ପ୍ରମାଣ ପତ୍ର ଦାଖଲ ସୁନିଶ୍ଚିତ କରିବାର ଏକ କୌଶଳ ପ୍ରସ୍ତୁତ କରନ୍ତୁ ଏବଂ ନୂତନ ଅନୁଦାନ ପ୍ରଦାନ କରିବା ପୂର୍ବରୁ ସମସ୍ତ ବକେୟା ଅନୁଦାନ ପ୍ରମାଣ ପତ୍ରର ସମୀକ୍ଷା କରନ୍ତୁ।.

## 3.5 ଦାଖଲ ହୋଇ ନଥିବା ବିଷଦ ଆକସ୍ମିକ ବିଲ

ଓଡ଼ିଶା କୋଷାଗାରା ସଂହିତା (ନିୟମ 261) ଅନୁଯାୟୀ ସଂକ୍ଷିପ୍ତ ଆକସ୍ମିକ (ଏସି) ବିଲ ମାଧ୍ୟମରେ ନିଆଯାଉଥିବା ଅଗ୍ରୀମ ନିୟମିତତା ପାଇଁ ବିଷଦ ଆକସ୍ମିକତା (ଡିସି) ବିଲ୍‌ର ତୁରନ୍ତ ବ୍ୟବସ୍ଥିତ କରିବା ଉଚିତ୍ ।

2018-19 ଆର୍ଥିକ ବର୍ଷରେ 15 ଟି ବିଭାଗ 939 ସଂକ୍ଷିପ୍ତ ଆକସ୍ମିକ ବିଲ ମାଧ୍ୟମରେ ସରକାରଙ୍କ ଠାରୁ ସମୁଦାୟ 210.19 କୋଟି ଟଙ୍କା ଗ୍ରହଣ କରିଥିବା ବେଳେ ମାତ୍ର 214 ଟି ବିସ୍ତୃତ ଆକସ୍ମିକ ବିଲ ଦାଖଲ କରିଥିଲେ, ଯେଉଁଥିରେ ମାତ୍ର 11.46 କୋଟି ଟଙ୍କାର ହିସାବ ଥିଲା । ଅର୍ଥାତ 12 ଟି ବିଭାଗ ଦ୍ୱାରା ବଳକା 198.73 କୋଟି ଟଙ୍କାର ହିସାବ ସମ୍ବଳିତ 725 ଟି ବିଷଦ ଆକସ୍ମିକ ବିଲ୍ ବର୍ଷ ଶେଷ ସୁଦ୍ଧା ଦାଖଲ କରାଯାଇ ନଥିଲା । ତେଣୁ ସରକାରଙ୍କ ଦ୍ୱାରା ଅନୁମୋଦିତ ଏହି 198.73 କୋଟି ଟଙ୍କାର ସୁବିନିଯୋଗ ହୋଇଥିବାର କୌଣସି ପ୍ରମାଣ ନଥିଲା । ଏହା 2018-19 ବର୍ଷରେ ସମ୍ଭାବ୍ୟ ଅଧିକ ଖର୍ଚ୍ଚ ଥିଲା । ପୁନଶ୍ଚ, 2016-17 ରେ 11.70 କୋଟି ଟଙ୍କାର 446 ଟି ବିଷଦ ଆକସ୍ମିକ ବିଲ ଏବଂ 2018-19 ରେ 2.98 କୋଟି ଟଙ୍କାର 100 ଟି ଡ଼ିସି ବିଲ ବିଭାଗ ଦ୍ୱାରା ଦାଖଲ କରାଯାଇ ନାହିଁ । ଅଗ୍ରୀମ ଉଠାଣ ଏବଂ ଏହାର ହିସାବ ନ ହେବା ଯୋଗୁ ଅର୍ଥର କ୍ଷତି, ତୋଷରପାତ ଏବଂ ଅପବ୍ୟବହାରର ସମ୍ଭାବନାକୁ ବଢାଇ ଥାଏ । ବକେୟା ବିଶଦ ଆକସ୍ମିକ ବିଲର ବିବରଣୀ ସାରଣୀ 3.5 ରେ ଦର୍ଶାଯାଇଛି ।

ସାରଣୀ **-3.5:** ବକେୟା ଆକସ୍ମିକ ବିଲର ବିଷଦ ବିବରଣୀ

| ବର୍ଷ | ବକେୟ ଥିବା ବିଷଦ ଆକସ୍ମିକ ବିଲର ସଂଖ୍ୟା | ସଂଖ୍ୟା (କୋଟି ଟଙ୍କାରେ) |
|---|---|---|
| 2003-04 ରୁ 2016-17 | 446 | 11.70 |
| 2017-18 | 100 | 2.98 |
| 2018-19 | 725 | 198.73 |
| ମୋଟ | **1,271** | **213.41** |

ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ଭିଏଲସି ତଥ୍ୟାବଳୀରୁ ସଂକଳିତ

ପୁନଶ୍ଚ, ନିରୀକ୍ଷଣ କରାଗଲା ଯେ ତିନୋଟି[6] ବିଭାଗ ସମୁଦାୟ ବକେୟା ଡିସି ବିଲର 99.67 ପ୍ରତିଶତ ହିସାବକୁ ନେଇଥିଲେ ।

### 3.5.1 ସଂକ୍ଷିପ୍ତ ଆକସ୍ମିକ ବିଲ ମାଧ୍ୟମରେ ମାର୍ଚ୍ଚ ମାସରେ ଟଙ୍କା ଉଠାଣ

ଭିଏଲସି ତଥ୍ୟାବଳୀର ବିଶ୍ଳେଷଣରୁ ଜଣାଗଲା ଯେ, 2014-15 ଏବଂ 2018-19 ମଧ୍ୟରେ ସଂକ୍ଷିପ୍ତ ଆକସ୍ମିକ ବିଲ ମାଧ୍ୟମରେ 435.59 କୋଟି ଟଙ୍କା ମଧ୍ୟରୁ 210.29 କୋଟି ଟଙ୍କା (48.27 ପ୍ରତିଶତ) ବର୍ଷର ଶେଷ ମାସରେ ଉଠାଯାଇଥିଲା । ମାର୍ଚ୍ଚ ମାସରେ ଏସି ବିଲର ଉଠାଣ ପ୍ରତିଶତ 2014-15 ରୁ 2018-19 ବର୍ଷ ମଧ୍ୟରେ ମୋଟ ଏସି ବିଲ ରାଶିର 12.15 ରୁ 75.33 ପ୍ରତିଶତ ମଧ୍ୟରେ ଥିଲା ଯାହାର ସବିଶେଷ ବିବରଣୀ ସାରଣୀ 3.6 ରେ ପ୍ରଦାନ କରାଗଲା ।

ସାରଣୀ-**3.6:** ବର୍ଷ ଅନୁଯାୟୀ ମାର୍ଚ୍ଚ ମାସରେ ଏସି ବିଲ ମାଧ୍ୟମରେ ଟଙ୍କା ଉଠାଣ

(କୋଟି ଟଙ୍କାରେ)

| ଆର୍ଥିକ ବର୍ଷ | ଏସି ବିଲ ଦ୍ୱାରା ମୋଟ ରାଶିର ଉଠାଣ | ମାର୍ଚ୍ଚ ମାସରେ ଉଠାଇଥିବା ମୋଟ ଏସି ବିଲର ପରିମାଣ | ମାର୍ଚ୍ଚ ମାସରେ ଉଠାଣ ପ୍ରତିଶତ |
|---|---|---|---|
| 2014-15 | 72.23 | 17.38 | 24.06 |
| 2015-16 | 62.39 | 7.58 | 12.15 |
| 2016-17 | 73.15 | 15.03 | 20.54 |
| 2017-18 | 17.63 | 11.97 | 67.89 |
| 2018-19 | 210.19 | 158.33 | 75.33 |
| ମୋଟ | **435.59** | **210.29** | **48.27** |

ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡ଼ିଶା ଦ୍ୱାରା ପରିଚାଳିତ ଭିଏଲସି ତଥ୍ୟକଳାରୁ ସଂକଳିତ

ଭିଏଲସି ତଥ୍ୟାବଳୀର ପୁର୍ନବିଶ୍ଳେଷଣରୁ ଦେଖାଗଲା ଯେ, ସଂକ୍ଷିପ୍ତ ଆକସ୍ମିକ ବିଲର ସର୍ବମୋଟ 3.11 କୋଟି ଟଙ୍କା (1.48 ପ୍ରତିଶତ) ଆର୍ଥିକ ବର୍ଷର ଶେଷ ଦିନରେ ଉଠାଯାଇଥିଲା । ଏଣୁ ଏହା ସୁସ୍ପଷ୍ଟ ଯେ ମାର୍ଚ୍ଚ ମାସରେ ଏବଂ ଆର୍ଥିକ ବର୍ଷର ଶେଷ କାର୍ଯ୍ୟ ଦିବସରେ ବିନିଯୋଗର ସମାପ୍ତିକୁ ପରିହାର କରିବା ପାଇଁ ଯଥେଷ୍ଟ ଉଠାଣ ହୋଇଥିଲା ।

ପ୍ରସ୍ତାବିତ ସମୟ ମଧ୍ୟରେ ଡିସି ବିଲର ଦାଖଲ ନହେବା ଆର୍ଥିକ ଶୃଙ୍ଖଳା ନିୟମର ଉଲ୍ଲଙ୍ଘନ ଅଟେ ଏବଂ ଏହା ସରକାରୀ ଅର୍ଥର ତୋଷରପାତ ସମ୍ଭାବନାକୁ ବୃଦ୍ଧି କରେ ଏବଂ ଏହା ଅସୁସ୍ଥ ପରମ୍ପରା ଅଟେ ।

ସରକାର ଜଣାଇଲେ (ମଇ 2020) ଯେ ଅର୍ଥ ବିଭାଗ ଏହି ଘଟଣାର ନିୟମିତ ତର୍ଜମା କରୁଛି ଏବଂ ଅର୍ଥନୈତିକ ଉପଦେଷ୍ଟା ଓ ନିୟନ୍ତ୍ରଣ ଅଧିକାରୀମାନଙ୍କୁ ଯଥା ସମୟରେ ଡ଼ିସି ବିଲ ଦାଖଲର ଗୁରୁତ୍ୱ ସମ୍ବନ୍ଧରେ ଅବଗତ କରାଯାଉଛି । ପ୍ରଥମ ଏସି ବିଲର ଦାଖଲ ବକେୟା ଥିବା ସ୍ଥଳେ ଦ୍ୱିତୀୟ ଏସି ବିଲକୁ ବିଚାର ନକରିବା ଅଡିଟ୍ ପ୍ରସ୍ତାବକୁ ସରକାର ଗ୍ରହଣ କଲେ ।

**ସୁପାରିଶ** 12: ଅର୍ଥ ବିଭାଗ ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ନିୟନ୍ତ୍ରଣ ଅଧିକାରୀମାନେ ବକେୟା ଥିବା ସମସ୍ତ ଏସି ବିଲ ସପକ୍ଷରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଡିସି ବିଲଗୁଡ଼ିକୁ ଦାଖଲ କରିବେ ।

[6] ଗୃହ (189.44 କୋଟି ଟଙ୍କା), ସାଧାରଣ ପ୍ରଶାସନ ( 7.49 କୋଟି ଟଙ୍କା) ଏବଂ ଉଚ୍ଚ ଶିକ୍ଷା( 1.14 କୋଟି ଟଙ୍କା).

## 3.6 ଅନ୍ୟାନ୍ୟ ଆର୍ଥିକ ବିଷୟ

### 3.6.1 ପ୍ରଦତ୍ତ ଅନୁଦାନ / ଋଣର ବିଷଦ ବିବରଣୀ ପ୍ରଦାନ ନ କରିବା

ଲେଖା ପରୀକ୍ଷା ଏବଂ ଲେଖା ନିୟମ 2007 ବ୍ୟବସ୍ଥା ଅନୁସାରେ ସରକାର ଏବଂ ବିଭାଗୀୟ ମୁଖ୍ୟମାନେ ପ୍ରତି ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ପୂର୍ବ ବର୍ଷରେ 10 ଲକ୍ଷ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ସହାୟତା ବା ଋଣ ଦିଆଯାଇଥିବା ଅନୁଷ୍ଠାନମାନଙ୍କର ତାଲିକା ଲେଖା ପରୀକ୍ଷା କାର୍ଯ୍ୟାଳୟକୁ ପ୍ରଦାନ କରିବା କଥା ।

ମାର୍ଚ୍ଚ 2020 ସୁଦ୍ଧା ସମୁଦାୟ 43 ଟି ବିଭାଗରୁ 22 ଟି ବିଭାଗ 2018-19 ରେ ମଂଜୁରୀ କରାଯାଇଥିବା ଅନୁଦାନର ବିସ୍ତୃତ ଅନୁଦାନ ଦେଇଥିଲେ । ବଳକା 21 ଟି ବିଭାଗ[7] ର ଅନୁଦାନର କୌଣସି ବିବରଣୀ ନ ଥିବାରୁ ସେହି ଅର୍ଥ ରାଶିର ଆବଶ୍ୟକୀୟ ବିନିଯୋଗର କୌଣସି ପ୍ରମାଣ ସରକାରଙ୍କର ଠାରେ ନାହିଁ । ଏହା ସରକାରୀ ଖର୍ଚ୍ଚ ଉପରେ ଥିବା ବିଧାନ ସଭାର କ୍ଷମତାକୁ ଦୁର୍ବଳ କରିଦେଉଛି ।

### 3.6.2 ସରକାରୀ ବିଭାଗ ଦ୍ୱାରା ପରିଚାଳିତ ବାଣିଜ୍ୟକ କ୍ରିୟାକଳାପ

ଆଂଶିକ ବ୍ୟବସାୟିକ କାର୍ଯ୍ୟ ସଂପାଦନ କରୁଥିବା ସରକାରୀ ବିଭାଗ ଓ ଅନୁଷ୍ଠାନଗୁଡ଼ିକ ସରକାରଙ୍କ ଅବଗତି ନିମନ୍ତେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଖର୍ଚ୍ଚ ଖସଡ଼ା ପ୍ରସ୍ତୁତ କରିବା ଅନିବାର୍ଯ୍ୟ ଅଟେ । ମାର୍ଚ୍ଚ 2019 ସୁଦ୍ଧା 16 ଟି ବିଭାଗୀୟ ଉଦ୍ୟୋଗ ମଧ୍ୟରୁ କୌଣସିଟି ବିଭାଗ ଖର୍ଚ୍ଚ ଖସଡ଼ା ପ୍ରସ୍ତୁତ କରିନଥିଲେ ।

### 3.6.3 କୋଠା ବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିର ସ୍ୱଳ୍ପ ବିନିଯୋଗ

କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଉପକାର ନିୟମ 1996 ଏବଂ ଏହା ଅଧିନରେ ଥିବା ନିଯୁକ୍ତି ତଥା ସେବା ସର୍ତ୍ତ ଅଧିନିୟମ 1996 ଅନୁଯାୟୀ ଏକ କଲ୍ୟାଣ ସଂଘର ଗଠନ ହେବା ଦରକାର ଯାହାର ଲକ୍ଷ୍ୟ ଶ୍ରମିକ ମାନଙ୍କର କାର୍ଯ୍ୟାବସ୍ଥାରେ ଉନ୍ନତି ଆଣିବା ଓ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା । ଏହାଛଡ଼ା ନିର୍ମାଣ କାର୍ଯ୍ୟ ଉପରେ କର ବସାଇ ବୋର୍ଡର ସମ୍ବଳକୁ ସୁଦୃଢ଼ କରିବା ମଧ ବୋର୍ଡର ଅନ୍ୟତମ ଲକ୍ଷ୍ୟ ଅଟେ । ସମସ୍ତ ନିର୍ମାଣ କାର୍ଯ୍ୟରୁ ସଂଗୃହିତ ହେଉଥିବା ଶ୍ରମ ଉପକରକୁ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରେ ଜମା କରିବା ଦରକାର । କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ଲିପ୍ତ ଥିବା ପଞ୍ଜୀକୃତ ହାତାଧିକାରୀମାନଙ୍କର ବିଭିନ୍ନ କଲ୍ୟାଣମୂଳକ କାମ ପାଇଁ ଏହି ନିଧିର ବିନିଯୋଗ ହେବା ଦରକାର ।

[7] ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପଂଚାୟତି ରାଜ ଓ ପାନୀୟ ଜଳ, ପୂର୍ତ୍ତ, ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା, ଗୃହ ନିର୍ମାଣ ଓ ପୌର ଉନ୍ନୟନ, ଉଚ୍ଚ ଶିକ୍ଷା, ଇଲୋକ୍ଟ୍ରନିସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ, କ୍ରୀଡ଼ା ଓ ଯୁବ ସେବା, ସାଧାରଣ ପ୍ରଶାସନ, ଓଡ଼ିଶା ବିଧାନ ସଭା, ପରିବହନ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ଓ ସମବାୟ ବିଭାଗ ।

2014-15 ରେ ଆଦାୟ ହୋଇଥିବା 211.13 କୋଟି ଟଙ୍କାର ଶ୍ରମିକ କର 2018-19 ରେ 1,087.61 କୋଟି ଟଙ୍କାକୁ ବୃଦ୍ଧି ପାଇ 876.45 କୋଟି ଟଙ୍କାରେ ପହଞ୍ଚିଥିଲା । ଏହି ସମୟସୀମା ମଧ୍ୟରେ ଏହି ଉପକରରେ ବିନିଯୋଗର ଯାହାକି 2014-15 ରେ 4.78 ପ୍ରତିଶତ ରୁ 2018-19 ରେ 54.88 ପ୍ରତିଶତର ପାଣ୍ଠିର ବିନିଯୋଗ ହୋଇଥିଲା । ପାଣ୍ଠିର କମ୍ ବିନିଯୋଗର ଯୋଗୁଁ ଶ୍ରମ ଉପକରର ଆଦାୟର ଲକ୍ଷ୍ୟ ପୂର୍ଣ୍ଣ ହୋଇନଥିଲା ।

ଓଡ଼ିଶା ସରକାରଙ୍କ ଶ୍ରମ ଏବଂ ନିଯୁକ୍ତି ବିଭାଗ ଦ୍ୱାରା 15 ଡ଼ିସେମ୍ବର 2008 ରେ ନିଆଯାଇଥିବା ରିଜୋଲୁସନ ଅନୁସାରେ ଆଦାୟ ହେଉଥିବା ଏହି କର ସରକାରୀ କୋଷାଗାରର (ରାଜ୍ୟର ଏକତ୍ରୀକୃତ ପାଣ୍ଠି) ମୁଖ୍ୟ ଶିର୍ଷ – 0230 ରେ ଜମା ହେବା ଜରୁରୀ ଥିଲା ।

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡଙ୍କ ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ବିଭିନ୍ନ ସଂସ୍ଥାମାନଙ୍କ ଦ୍ୱାରା ଆଦାୟ କରାଯାଉଥିବା କରକୁ ବୋର୍ଡ଼ରେ ଏହି ଉଦ୍ଦେଶ୍ୟରେ ଖୋଲାଯାଇଥିବା ସଂଚୟ ବ୍ୟାଙ୍କ ଖାତାରେ ଚେକ୍ / ଡ୍ରାଫ୍ଟ ମାଧ୍ୟମରେ ଜମା କରାଯାଉଥିଲା । ଯାହା କି କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ କର ନିୟମ ଏବଂ ସମ୍ବିଧାନର ଧାରା 266 (1) କୁ ଉଲ୍ଲଙ୍ଘନ କରି ରାଜ୍ୟର ଏକତ୍ରିକୃତ ପାଣ୍ଠିକୁ ସିଧାସଳଖ ଯାଉନଥିଲା ।

ପୁନଶ୍ଚ ବିତ୍ତୀୟ ହିସାବ 2018-19 ଅନୁଯାୟୀ ରାଜ୍ୟ କୋଷାଗାର ମାଧ୍ୟମରେ ରାଜ୍ୟ କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଉପକର ବାବଦକୁ 2.38 କୋଟି ଟଙ୍କା ଆଦାୟ ହୋଇଥିଲା । ସେହିସବୁରାଶି ବୋର୍ଡର ହିସାବ ଖାତାକୁ ସ୍ଥାନାନ୍ତରିତ ହୋଇନଥିଲା । ଫଳରେ ଏହା ରାଜସ୍ୱ ବଳକାରେ 2.38 କୋଟି ଟଙ୍କା ଅଧିକ ଦେଉଥିବା ବେଳେ ସମ ପରିମାଣ ଫିସକାଲ ଡେଫିସିଟ୍‌ରେ କମ୍ ଦେଖାଉଥିଲା ।

### 3.6.4 ବ୍ୟାଙ୍କ ଅବଶେଷ ଏବଂ ରୋକଡ଼ ଖାତାର ସମୀକରଣ ହୋଇ ନ ଥିବାରୁ 57.32 କୋଟି ଟଙ୍କାର ଅସାମଞ୍ଜସ୍ୟତା

ହିସାବ ଖାତାରେ ଦେଣନେଣର ସଠିକତା ନିଶ୍ଚିତ କରିବା ପାଇଁ ବ୍ୟାଙ୍କର ହିସାବ ଏବଂ ରୋକଡ଼ ଖାତାର ହିସାବର ସାମଞ୍ଜସ୍ୟକରଣ ନିୟମିତ ଭାବେ ପ୍ରତିମାସର ଶେଷରେ କରିବା ଦରକାର । କୌଣସି ଅସାମଞ୍ଜସ୍ୟ/ ଭିନ୍ନତା ଠିକ କରିବା ପାଇଁ ଡିଡିଓମାନେ ପ୍ରତ୍ୟେକ ମାସ ଶେଷରେ ସାମଞ୍ଜସ୍ୟକରଣ କରିବା ଉଚିତ୍ । ମାର୍ଚ୍ଚ 2019 ସୁଦ୍ଧା 17 ଟି ନମୁନା ଡିଡିଓଙ୍କ ନଥିପତ୍ରରୁ ଅବଲୋକନ କରାଗଲା ଯେ ରୋକଡ଼ ବହି ଓ ବ୍ୟାଙ୍କ୍ ସଂଚୟ ବହିରେ 57.32 କୋଟି ଟଙ୍କାର ପ୍ରଭେଦ ଥିଲା **(ପରିଶିଷ୍ଟ 3.6)** । ଅବଶେଷ ଟଙ୍କାର ସାମଞ୍ଜସ୍ୟକରଣ ଅଭାବରୁ ଡିଡିଓମାନଙ୍କ ଦ୍ୱାରା ପରିଚାଳିତ ହିସାବର ପ୍ରାମାଣିକତା ଅଡିଟରେ ପ୍ରମାଣିତ କରାଯାଇ ପାରିନଥିଲା ।

ଅଡିଟର ଅବଲୋକନକୁ ଗ୍ରହଣ କରି ରାଜ୍ୟ ସରକାର କହିଲେ (ମଇ 2020) ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଧନ ରାଶିର ଉଠାଣ ଓ ଓଡ଼ିଶା ପାଇଁ ବ୍ୟାଙ୍କରେ ବହି ଖୋଲିବାର ଅନୁମତି ଦିଆଯାଇ ନାହିଁ । ଦୃଢ଼ ଆଇଟି ଭିତ୍ତିଭୂମି ଓ ଆଇଏଫ୍‌ଏମ୍‌ଏସ୍‌ରେ ଡିବିଟି ସୁଯୋଗର କାର୍ଯ୍ୟକାରିତା ଯୋଗୁଁ ଉପରୋକ୍ତ ଅଭ୍ୟାସକୁ ନିରୁତ୍ସାହିତ କରାଯାଇଛି । ସମସ୍ତ ଘଟଣାଗୁଡ଼ିକୁ ପୁର୍ନବିଲୋକନ କରାଯିବ ଏବଂ କୌଣସି ଦେଣନେଣ ହେଉନଥିବା ବ୍ୟାଙ୍କ ଖାତାକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ ।

**ଭୁବନେଶ୍ୱର** **(ବିଭୁଦତ୍ତ ବସନ୍ତିଆ)**

**ତାରିଖ** **ମହାଲେଖାକାର (ଲେଖା ପରୀକ୍ଷା-1), ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

**ନୂଆଦିଲ୍ଲୀ** **(ରାଜିବ ମେହେର୍ଷି)**

**ତାରିଖ** **ଭାରତର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ**

# ପରିଶିଷ୍ଟ

# ପରିଶିଷ୍ଟ -1.1

(ଦ୍ରଷ୍ଟବ୍ୟ ପ୍ରସ୍ତାବନାତ୍ମକ ଉଛେଦ ଅଧ୍ୟାୟ I, ପୃଷ୍ଠା 1)

## ଓଡ଼ିଶାର ସଂକ୍ଷିପ୍ତ ପାର୍ଶ୍ୱଚିତ୍ର

| କ. ସାଧାରଣ ତଥ୍ୟାବଳୀ | | | |
|---|---|---|---|
| | ସବିଶେଷ ବିବରଣୀ | | ସଂଖ୍ୟା |
| 1 | କ୍ଷେତ୍ରଫଳ | | 155707 ବର୍ଗ କି.ମି |
| 2 | ଜନସଂଖ୍ୟା | | |
| | କ. | 2001 ଜନ ଗଣନା ଅନୁଯାୟୀ | 3.68 କୋଟି |
| | ଖ . | 2011 ଜନ ଗଣନା ଅନୁଯାୟୀ | 4.20 କୋଟି |
| 3 | ଜନ ସଂଖ୍ୟା ସାନ୍ଦ୍ରତା [1] (2011 ଜନ ଗଣନା ଅନୁଯାୟୀ)<br>(ସର୍ବ ଭାରତୀୟ ସାନ୍ଦ୍ରତା = 382 ଜଣ (ପ୍ରତିବର୍ଗ କି.ମି) | | 270 ଜଣ (ପ୍ରତିବର୍ଗ କି.ମି) |
| 4 | ଦାରିଦ୍ର୍ୟ ସିମା[2] ରେଖା ତଳେ ଜନ ସଂଖ୍ୟା (ବିପିଏଲ) (ସର୍ବ ଭାରତୀୟ ହାରାହାରି = 21.9 ପ୍ରତିଶତ) | | 32.59 ପ୍ରତିଶତ |
| 5 | ସାକ୍ଷରତା[3] (2011 ଜନ ଗଣନା ଅନୁଯାୟୀ) (ସର୍ବ ଭାରତୀୟ ହାରାହାରି = 73.0 ପ୍ରତିଶତ) | | 72.90 ପ୍ରତିଶତ |
| 6 | ଶିଶୁ ମୃତ୍ୟୁ ହାର ସଂଖ୍ୟା[4] (ପ୍ରତି 1000 ଜୀବନ୍ତ ଜନ୍ମ). (ସର୍ବ ଭାରତୀୟ ହାରାହାରି = 33 ପ୍ରତି 1000 ଜୀବନ୍ତ ଜନ୍ମରେ) | | 41.00 |
| 7 | ଜନ୍ମ ପ୍ରତ୍ୟାଶିତ ଆୟୁ[5]. (ସର୍ବ ଭାରତୀୟ ହାରାହାରି = 68.7 ବର୍ଷ) | | 67.6 ବର୍ଷ |
| 8 | ମାନବୀୟ ଉନ୍ନୟନ ସୂଚକ | | |
| | କ. | 1999-2000. (ସର୍ବ ଭାରତୀୟ= 0.387) | -- |
| | ଖ. | 2007-2008 (ସର୍ବ ଭାରତୀୟ = 0.467) | 0.362 |
| 9 | ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡ଼ିପି) 2018-19 ପ୍ରଚଳିତ ଦରରେ | | 4,85,376 କୋଟି ଟଙ୍କା |
| 10 | ଜଣ ପିଛା ଜିଏସଡ଼ିପି ସିଏଜି ଆର (2011-12 ରୁ 2018-19) | ଓଡ଼ିଶା | 10.07 |
| | | ସର୍ବ ସାଧାରଣ ବର୍ଗ ରାଜ୍ୟ | 10.99 |
| 11 | ଜିଏସଡ଼ିପି ସିଏଜି ଆର (2011-12 ରୁ 2018-19) | ଓଡ଼ିଶା | 11.19 |
| | | ସର୍ବ ସାଧାରଣ ବର୍ଗ ରାଜ୍ୟ | 10.07 |
| 12 | ଜନ ସଂଖ୍ୟା ବୃଦ୍ଧି (2009 ରୁ 2019) | ଓଡ଼ିଶା | 8.43 |
| | | ସର୍ବ ସାଧାରଣ ବର୍ଗ ରାଜ୍ୟ | 12.46 |

| କ. ଆର୍ଥିକ ତଥ୍ୟ | | | | | |
|---|---|---|---|---|---|
| | | ସବିଶେଷ ବିବରଣୀ | | | |
| | ସିଏଜି ଆର | 2009-10 ରୁ 2017-18 | | 2017-18 ରୁ 2018-19 | |
| | | ସାଧାରଣ ବର୍ଗ ରାଜ୍ୟ | ଓଡ଼ିଶା | ସାଧାରଣ ବର୍ଗ ରାଜ୍ୟ | ସାଧାରଣ ବର୍ଗ ରାଜ୍ୟ |
| | | (ପ୍ରତିଶତରେ) | | | |
| a. | ରାଜସ୍ୱ ପ୍ରାପ୍ତି | 15.03 | 15.76 | 12.77 | 16.83 |
| b. | ନିଜସ୍ୱ କର ରାଜସ୍ୱ | 14.84 | 15.23 | 12.72 | 8.61 |
| c. | ଅଣ କର ରାଜସ୍ୱ | 9.88 | 12.77 | 19.78 | 69.99 |
| d. | ମୋଟ ଖର୍ଚ୍ଚ | 14.20 | 15.94 | 12.73 | 16.02 |
| e. | ପୁଞ୍ଜିଗତ ବ୍ୟୟ | 13.53 | 24.54 | 11.93 | 11.24 |
| f. | ଶିକ୍ଷା ଓ ରାଜସ୍ୱ ବ୍ୟୟ | 13.44 | 11.84 | 9.38 | 16.45 |
| g. | ସ୍ୱାସ୍ଥ୍ୟ ଓ ରାଜସ୍ୱ ବ୍ୟୟ | 16.50 | 16.19 | 11.09 | 23.41 |
| h. | ଦରମା ଓ ମଜୁରୀ | 11.72 | 10.53 | 11.03 | 10.57 |
| i. | ପେନସନ | 16.12 | 12.94 | 14.31 | 21.02 |

1 ଭାରତ ଜନଗଣନା 2011 ଚୂଡ଼ାନ୍ତ ସମୁଦାୟ ଜନ ସଂଖ୍ୟା ଏବଂ

2 ଅର୍ଥନୈତିକ ସର୍ବେକ୍ଷଣ 2018-19 ଭାରତ ସରକାର

3 ଅର୍ଥନୈତିକ ସର୍ବେକ୍ଷଣ 2018-19 ଭାରତ ସରକାର

4 ଅର୍ଥନୈତିକ ସର୍ବେକ୍ଷଣ 2018-19 ଭାରତ ସରକାର

5 ଅର୍ଥନୈତିକ ସର୍ବେକ୍ଷଣ 2018-19 ଭାରତ ସରକାର

# ପରିଶିଷ୍ଟ - 1.2

(ଦ୍ରଷ୍ଟବ୍ୟ ପ୍ରସ୍ତାବନାତ୍ମକ ଅନୁଛେଦ ଅଧ୍ୟାୟ I, ପୃଷ୍ଠା 1)

## ସରକାରୀ ହିସାବର ଢାଞ୍ଚା ଓ ଆକାର

### ଭାଗ କ : ସରକାରୀ ହିସାବର ଢାଞ୍ଚା ଓ ଆକାର

ସରକାରୀ ଲେଖାର ସଂରଚନା : ରାଜ୍ୟ ସରକାରଙ୍କ ହିସାବ ତିନ ଭାଗରେ ରଖାଯାଏ ।

(i) ଏକତ୍ରୀକୃତ ପାଣ୍ଠି, (ii) ଆକସ୍ମିକ ପାଣ୍ଠି ଏବଂ (iii) ସରକାରୀ ହିସାବ

**ଭାଗ I: ଏକତ୍ରୀକୃତ ପାଣ୍ଠି:** ରାଜ୍ୟ ସରକାରଙ୍କୁ ମିଳିଥିବା ସମସ୍ତ ରାଜସ୍ୱ, କୋଷାଗାର ବିଲ୍ ଜାରିକରି ଉଠାଯାଉଥିବା ସମସ୍ତ ଋଣ, ଆଭ୍ୟନ୍ତରୀଣ ଓ ବାହ୍ୟ ଋଣ ରାଶି ଏବଂ ଋଣ ପରିଶୋଧ ବାବଦରେ ସରକାର ଗ୍ରହଣ କରୁଥିବା ସମସ୍ତ ରାଶି ମିଳିତ ଭାବେ ଏକତ୍ରିକୃତ ପାଣ୍ଠି ଗଠନ କରିବେ ଯାହା ଭାରତୀୟ ସମ୍ବିଧାନର ଅନୁଛେଦ 266(1) ଅନୁଯାୟୀ ରାଜ୍ୟର ଏକତ୍ରୀକୃତ ପାଣ୍ଠି ନାମରେ ନାମିତ ହେଲା ।

**ଭାଗ II: ଆକସ୍ମିକ ପାଣ୍ଠି:** ଭାରତୀୟ ସମ୍ବିଧାନରେ ଅନୁଚ୍ଛେଦ 267(2) ଅନୁସାରେ ଗଠିତ ଆକସ୍ମିକ ପାଣ୍ଠି ରାଜ୍ୟ ବିଧାନ ସଭାର ଅନୁମୋଦନକୁ ଅପେକ୍ଷା ନ କରି ଜରୁରୀ ଅଦୃଷ୍ଟପୂର୍ବ ବ୍ୟୟ ସକାଶେ ଅଗ୍ରିମ ଦେବା ପାଇଁ ରାଜ୍ୟପାଳଙ୍କ ଫଏସଲ ଉପରେ ନ୍ୟସ୍ତ କରାଯାଇଛି । ଏକତ୍ରିକୃତ ପାଣ୍ଠିରୁ ସେହି ଖର୍ଚ୍ଚ ଏବଂ ସମପରିମାଣର ଅର୍ଥ ଉଠାଣ ପାଇଁ ବିଧାନ ସଭାର ଅନୁମୋଦନ ପରବର୍ତ୍ତି କାଳରେ ନିଆଯାଇଥାଏ ଯେଉଁଥିରେ ଆକସ୍ମିକ ପାଣ୍ଠିରୁ ଦିଆଯାଇଥିବା ଅଗ୍ରିମ ପୁନଃ ପୂରଣ ହୋଇଥାଏ ।

**ଭାଗ III: ସରକାରୀ ହିସାବ:** ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ଜମା, ସଂରକ୍ଷିତ ପାଣ୍ଠି, ସନ୍ଦେହାତ୍ମକ ହିସାବ, ପ୍ରେରିତ ଅର୍ଥ ଆଦି କେତେକ ନିର୍ଦ୍ଦିଷ୍ଟ ନେଣଦେନ ପରିପ୍ରେକ୍ଷୀରେ ପ୍ରାପ୍ତ ଓ ବିତରଣ ଗୁଡ଼ିକୁ ଯାହା ଏକତ୍ରୀକୃତ ପାଣ୍ଠିର ଅଂଶ ବିଶେଷ ନୁହେଁ ତାହାକୁ ସମ୍ବିଧାନର ଅନୁଚ୍ଛେଦ 266(2) ଅଧିନରେ ସ୍ଥାପିତ ସରକାରୀ ହିସାବ ଖାତାରେ ରଖାଯାଏ ଏବଂ ତାହା ଉପରେ ରାଜ୍ୟ ବିଧାନ ସଭାର ମତଦାନ ଆବଶ୍ୟକ ହୋଇନଥାଏ ।

### ଭାଗ ଖ : ଆର୍ଥିକ ହିସାବରେ ରୂପରେଖ

| ବିବରଣୀ ସଂଖ୍ୟା | ବିଷୟରେ |
|---|---|
| **ପ୍ରଥମ ଖଣ୍ଡ** | |
| 1 | ଆର୍ଥିକ ସ୍ଥିତିର ବିବରଣୀ |
| 2 | ଆୟ ଏବଂ ବିତରଣ ବିବରଣୀ ପରିଶିଷ୍ଟ କ, ଅବଶେଷ ପାଣ୍ଠି ଏବଂ ତାହାର ବିନିଯୋଗ |
| 3 | ସଂଗଠିତ ପାଣ୍ଠିର ଆୟର ବିବରଣୀ |
| 4 | ସଂଗଠିତ ପାଣ୍ଠିର ବ୍ୟୟ ବିବରଣୀ |
| 5 | ପୁଞ୍ଜି ବ୍ୟୟର ପ୍ରଗତିଶୀଳ ବିବରଣୀ |
| 6 | ଋଣ ଏବଂ ଅନ୍ୟ ଉତ୍ତରଦାୟିତ୍ୱର ବିବରଣୀ |
| 7 | ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରିମର ବିବରଣୀ |
| 8 | ସରକାରଙ୍କ ପୁଞ୍ଜିଲଗାଣର ବିବରଣୀ |
| 9 | ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିର୍ଭରତାର ବିବରଣୀ |
| 10 | ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନର ବିବରଣୀ |
| 11 | ଅନୁମୋଦିତ ଓ ନିର୍ଦ୍ଦେଶିତ ବ୍ୟୟର ବିବରଣୀ |
| 12 | ରାଜସ୍ୱ ହିସାବକୁ ବାଦ୍ ଦେଇ ଖର୍ଚ୍ଚ ପାଇଁ ପାଣ୍ଠିର ଉତ୍ସ ଏବଂ ବ୍ୟବହାରର ବିବରଣୀ |
| 13 | ଏକତ୍ରିକୃତ ପାଣ୍ଠି, ଆକସ୍ମିକ ପାଣ୍ଠି ଏବଂ ସରକାରୀ ହିସାବ ମଧ୍ୟରେ ଥିବା ଅବଶେଷ ପାଣ୍ଠିର ସଂକ୍ଷିପ୍ତସାର |
| **ଦ୍ୱିତୀୟ ଖଣ୍ଡ** | |
| 14 | ରାଜସ୍ୱ ଏବଂ ପୁଞ୍ଜିଗତ ପ୍ରାପ୍ତିର ବିସ୍ତୃତ ବିବରଣୀ ଲଘୁ ଶିର୍ଷ ଦ୍ୱାରା |
| 15 | ରାଜସ୍ୱ ବ୍ୟୟର ବିସ୍ତୃତ ବିବରଣୀ ଲଘୁ ଶିର୍ଷ ଦ୍ୱାରା |
| 16 | ପୁଞ୍ଜିଗତ ବ୍ୟୟର ଲଘୁ ଶିର୍ଷକ ଓ ଉପଶିର୍ଷକ ଦ୍ୱାରା ବିସ୍ତୃତ ବିବରଣୀ |
| 17 | ଋଣ ଏବଂ ଦାୟିତ୍ୱର ବିସ୍ତୃତ ବିବରଣୀ |
| 18 | ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରିମର ବିସ୍ତୃତ ବିବରଣୀ |
| 19 | ସରକାରଙ୍କ ପୁଞ୍ଜିଲଗାଣର ବିସ୍ତୃତ ବିବରଣୀ |
| 20 | ସରକାରଙ୍କ ଦ୍ୱାରା ପ୍ରତିଭୁତିର ବିସ୍ତୃତ ବିବରଣୀ |
| 21 | ଆକସ୍ମିକ ପାଣ୍ଠି ଏବଂ ଅନ୍ୟାନ୍ୟ ସରକାରୀ ହିସାବ ନେଣଦେଣର ବିସ୍ତୃତ ବିବରଣୀ |
| 22 | ଚିହ୍ନିତ ରାଶିର ପୁଞ୍ଜିଲଗାଣର ବିସ୍ତୃତ ବିବରଣୀ |

# ପରିଶିଷ୍ଟ – 1.3

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.2)

## 2018-19 ବର୍ଷ ନିମିତ୍ତ ପ୍ରାପ୍ତି ଓ ବିତରଣର ବିବରଣୀ

(ଟଙ୍କା କୋଟିରେ)

| 2017-18 | ପ୍ରାପ୍ତି | 2018-19 | 2017-18 | ବିତରଣ | 2018-19 | | |
|---|---|---|---|---|---|---|---|
| | | | | | ପ୍ରଶାସନିକ | କାର୍ଯ୍ୟକ୍ରମ | ମୋଟ |
| **ଅନୁଭାଗ କ: ରାଜସ୍ୱ** | | | | | | | |
| **85,204.30** | **I. ରାଜସ୍ୱ ପ୍ରାପ୍ତି** | **99,546.12** | **71,837.30** | **I. ରାଜସ୍ୱ ବ୍ୟୟ -** | **42,211.74** | **43,144.67** | **85,356.41** |
| 27,913.81 | କର ରାଜସ୍ୱ | 30,318.33 | **20,260.92** | **ସାଧାରଣ ସେବା** | **23,741.45** | **311.81** | **24,053.26** |
| | -- | | **29,556.83** | **ସାମାଜିକ ସେବା** | **13,845.31** | **22,581.24** | **36,426.55** |
| 8,398.48 | ଅଣକର ରାଜସ୍ୱ | 14,276.53 | 13,788.34 | ଶିକ୍ଷା କ୍ରୀଡ଼ା କଳା ସଂସ୍କୃତି | 10,023.55 | 6,172.19 | 16,195.74 |
| | -- | | 4,153.04 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 2,060.65 | 3,023.09 | 5,083.74 |
| 31,272.06 | କେନ୍ଦ୍ରିୟ କରର ରାଜ୍ୟ ଅଂଶବିଶେଷ | 35,353.73 | 3,854.22 | ଜଳଯୋଗାଣ, ପରିମଳ ଗୃହ ନିର୍ମାଣ ଓ ନଗର ଉନ୍ନୟନ | 865.15 | 4,244.17 | 5,109.32 |
| | -- | | 77.06 | ସୂଚନା ପ୍ରଶାରଣ | 30.08 | 239.06 | 269.14 |
| -- | ଅଣ ଯୋଜନା ଅନୁଦାନ | -- | 2,217.58 | ଅନୁସୂଚିତ ଜାତି ଜନ ଜାତି ବିକାଶ ଓ ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ | 569.81 | 2,177.64 | 2,747.45 |
| -- | ରାଜ୍ୟ ଯୋଜନା ପାଇଁ ଅନୁଦାନ | -- | 141.87 | ଶ୍ରମ ଓ ଶ୍ରମିକ କଲ୍ୟାଣ | 89.09 | 53.45 | 142.54 |
| | -- | | 5,184.07 | ସାମାଜିକ କଲ୍ୟାଣ ଏବଂ ପୁଷ୍ଟି ସାଧନା | 93.91 | 6,625.57 | 6,719.48 |
| -- | କେନ୍ଦ୍ର ଓ କେନ୍ଦ୍ରିୟ ପ୍ରୟୋଜିତ ଯୋଜନା ପାଇଁ ଅନୁଦାନ | -- | 140.65 | ଅନ୍ୟାନ୍ୟ | 113.07 | 46.07 | 159.14 |
| | -- | | **20,756.90** | ଅର୍ଥନୈତିକ ସେବା- | **4624.97** | **18,888.61** | **23,513.58** |
| 12899.92 | କେନ୍ଦ୍ରିୟ ପ୍ରୟୋଜିତ ଯୋଜନା ପାଇଁ ଅନୁଦାନ | 13,024.85 | 5,801.42 | କୃଷି ଓ ଆନୁସାଂଗିକ କାର୍ଯ୍ୟକ୍ରମ | 1,415.11 | 6,427.45 | 7,842.56 |
| | ଅର୍ଥ ଆୟୋଗ ଅନୁଦାନ | | 9,017.88 | ଗ୍ରାମ୍ୟ ଉନ୍ନୟନ | 44.87 | 9,887.63 | 9,932.50 |
| 2405.55 | ଅନ୍ୟାନ୍ୟ ସ୍ଥାନାନ୍ତରିତ / ରାଜ୍ୟକୁ ଅନୁଦାନ | 2,839.67 | -- | ସ୍ୱତନ୍ତ୍ର ଅଂଚଳ କାର୍ଯ୍ୟକ୍ରମ | -- | 15.00 | 15.00 |
| | | | 1,911.39 | ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ | 1,075.65 | 603.03 | 1,678.68 |
| 2314.48 | | 3,733.02 | 45.19 | ଶକ୍ତି | 12.21 | 255.88 | 268.09 |
| | -- | | 678.55 | ଶିଳ୍ପ ଓ ଖଣିଜ ପଦାର୍ଥ | 144.90 | 639.68 | 784.58 |
| | -- | | 2,223.79 | ପରିବହନ | 1,730.28 | 195.82 | 1,926.11 |
| | -- | | 67.06 | ବିଜ୍ଞାନ କାରିଗରୀ ଓ ପରିବେଶ | 17.70 | 58.25 | 75.95 |
| | -- | | 1,011.62 | ସାଧାରଣ ଅର୍ଥନୈତିକ ସେବା | 184.23 | 805.88 | 990.11 |
| | -- | | **1,262.66** | ଅନୁଦାନ ଓ ଅଂଶଦାନ | -- | **1,363.02** | **1,363.02** |
| -- | **II.** ରାଜସ୍ୱ ନିଅଣ୍ଟକୁ ନିଆଗଲା | | **13,367.00** | **II.** ରାଜସ୍ୱ ବଳକାକୁ ନିଆଗଲା | -- | -- | **14,189.71** |
| **ଅନୁଭାଗ ଖ: ପୁଞ୍ଜି** | | | | | | | |
| **14,601.11** | **III.** ପ୍ରାରମ୍ଭିକ ଅବଶେଷ ସ୍ଥାୟୀ ଅଗ୍ରିମ ଏବଂ ନଗଦ ଅର୍ଥ ଅବଶେଷ ବିନିଯୋଗ ସମେତ | **30,848.11** | -- | **III.** ଭାରତୀୟ ରିଜର୍ଭ ବ୍ୟାଙ୍କରୁ ପ୍ରାରମ୍ଭିକ ଓଭରଡ୍ରାଫ୍ଟ | -- | -- | -- |
| -- | **IV.** ବିବିଧ ପୁଞ୍ଜିଭିତ୍ତିକ ପ୍ରାପ୍ତି | | **21,108.55** | **IV.** ପୁଞ୍ଜିଭିତିକ ଖର୍ଚ୍ଚ - | **43.49** | **23,438.59** | **23,482.08** |

| 2017-18 | ପ୍ରାପ୍ତି | 2018-19 | 2017-18 | ବିତରଣ | 2018-19 | | |
|---|---|---|---|---|---|---|---|
| | | | | | ପ୍ରଶାସନିକ | କାର୍ଯ୍ୟକ୍ରମ | ମୋଟ |
| | | | | | | | |
| -- | -- | | **464.57** | ସାଧାରଣ ସେବା- | **11.82** | **717.77** | **729.59** |
| -- | -- | | **4,200.95** | ସାମାଜିକ ସେବା - | **4.61** | **4,540.46** | **4,545.07** |
| -- | -- | | 745.57 | ଶିକ୍ଷା,କଳା ଓ ସଂସ୍କୃତି | -- | 823.79 | 823.79 |
| -- | -- | | 774.06 | ସ୍ୱାସ୍ଥ୍ୟ ଓ ପରିବାର ଯୋଜନା | -- | 619.57 | 619.57 |
| -- | -- | | 2,006.12 | ଜଳ ଯୋଗାଣ, ପରିମଳ ଗୃହ ଓ ନଗର ଉନ୍ନୟନ | 4.61 | 2,622.35 | 2,626.96 |
| -- | -- | | -- | ସୂଚନା ଓ ପ୍ରଶାରଣ | -- | -- | -- |
| -- | -- | | 527.36 | ହରିଜନ ଆଦିବାସୀ ବା ଅନ୍ୟାନ୍ୟ ପଛୁଆବର୍ଗ କଲ୍ୟାଣ | -- | 373.47 | 373.47 |
| -- | -- | | 60.50 | ସମାଜ କଲ୍ୟାଣ ଓ ପୁଷ୍ଟି କଲ୍ୟାଣ | -- | 21.05 | 21.05 |
| -- | -- | | 87.34 | ଅନ୍ୟାନ୍ୟ | -- | 80.23 | 80.23 |
| -- | -- | | **16,443.03** | ଅର୍ଥନୈତିକ ସେବା | **27.06** | **18,180.36** | **18,207.42** |
| -- | -- | | 124.83 | କୃଷି ଏବଂ ଆନୁସାଂଗିକ କାର୍ଯ୍ୟକଳାପ | -- | 234.63 | 234.63 |
| -- | -- | | -- | ଗ୍ରାମ୍ୟ ଉନ୍ନୟନ | -- | 1,250.00 | 1,250.00 |
| -- | -- | | 148.50 | ସତନ୍ତ୍ର ଅଂଚଳ କାର୍ଯ୍ୟକ୍ରମ | -- | 182.73 | 182.73 |
| -- | -- | | 6,841.06 | ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ | -- | 5,706.82 | 5,706.82 |
| -- | -- | | 2,049.33 | ଶକ୍ତି | -- | 1,735.83 | 1,735.83 |
| -- | -- | | (-)2.01 | ଶିଳ୍ପ ଓ ଖଣିଜ ପଦାର୍ଥ | -- | (-)1.89 | (-)1.89 |
| -- | -- | | 7,148.19 | ପରିବହନ | -- | 8,961.95 | 8,961.95 |
| -- | -- | | 133.13 | ସାଧାରଣ ଅର୍ଥନୈତିକ ସେବା | 27.06 | 110.29 | 137.35 |
| **257.49** | **V.** ଋଣ ଓ ଅଗ୍ରୀମ ଅସୁଲ - | **305.30** | **1,875.41** | **V.** ଋଣ ଓ ଅଗ୍ରୀମ ବଣ୍ଟନ - | | | **1,170.31** |
| 2.00 | ଶକ୍ତି ପ୍ରକଳ୍ପ ପାଇଁ | 150.17 | 225.47 | ଶକ୍ତି ପ୍ରକଳ୍ପ ପାଇଁ | | | 150.17 |
| 77.28 | ସରକାରୀ କର୍ମଚାରୀଙ୍କ ପାଇଁ | 94.25 | 79.94 | ସରକାରୀ କର୍ମଚାରୀଙ୍କ ପାଇଁ | | | 94.25 |
| 178.21 | ଅନ୍ୟାନ୍ୟ ମାନଙ୍କୁ | 60.88 | 1,570.00 | ଅନ୍ୟାନ୍ୟ ମାନଙ୍କୁ | | | 925.89 |
| **13,367.00** | **VI.**ରାଜସ୍ୱ ନିଅଣ୍ଟକୁ ଆଣିବା | **14,189.71** | -- | **VI.**ରାଜସ୍ୱ ନିଅଣ୍ଟକୁ ଆଣିବା | | | -- |
| **12,861.60** | **VII.** ସରକାରୀ ଋଣ ପରିଶୋଧ - | **10,002.61** | **2,690.21** | **VII.** ସରକାରୀ ଋଣ ପରିଶୋଧ - | -- | -- | **3,939.70** |
| -- | ବାହ୍ୟ ଋଣ | -- | -- | ବାହ୍ୟ ଋଣ | -- | -- | -- |
| 12,013.25 | ସାଧନୋପାୟ ଅଗ୍ରିମ ଓ ଓଭରଡ୍ରାଫ୍ଟ ବ୍ୟତୀତ ଆଭ୍ୟନ୍ତରୀଣ ଋଣ | 9,019.54 | 1,982.43 | ସାଧନୋପାୟ ଅଗ୍ରିମ ଓ ଓଭରଡ୍ରାଫ୍ଟ ବ୍ୟତୀତ ଆଭ୍ୟନ୍ତରୀଣ ଋଣ | -- | -- | 3,182.76 |
| -- | ସାଧନୋପାୟ ଅଗ୍ରିମ ଅଧିନରେ ନିଟ ନେଣଦେଣ | -- | -- | ସାଧନୋପାୟ ଅଗ୍ରିମ ଅଧିନରେ ନିଟ ନେଣଦେଣ | -- | -- | -- |
| -- | ଓଭରଡ୍ରାଫ ଅଧିନରେ ପ୍ରକୃତ ନେଣ ଦେଣ | -- | -- | ଓଭରଡ୍ରାଫ ଅଧିନରେ ପ୍ରକୃତ ନେଣ ଦେଣ | -- | -- | -- |
| 848.35 | କେନ୍ଦ୍ର ସରକାରଙ୍କୁ ଋଣ ଏବଂ ଅଗ୍ରିମ ପରିଶୋଧ | 983.06 | 707.78 | କେନ୍ଦ୍ର ସରକାରଙ୍କୁ ଋଣ ଏବଂ ଅଗ୍ରିମ ପରିଶୋଧ | -- | -- | 756.94 |
| -- | **VIII.** ଆକସ୍ମିକ ପାଣ୍ଠିକୁ ବିନିଯୋଗ | -- | -- | **VIII.** ଆକସ୍ମିକ ପାଣ୍ଠିକୁ ବିନିଯୋଗ | -- | -- | -- |
| -- | **IX.** ଆକସ୍ମିକ ପାଣ୍ଠିରୁ ବ୍ୟୟ | -- | -- | **IX.** ଆକସ୍ମିକ ପାଣ୍ଠିରୁ ବ୍ୟୟ | -- | -- | **1,440.22** |
| **71,874.50** | **X.** ସରକାରୀ ହିସାବ ବିତରଣ- | **62,906.11** | **56,439.42** | **X.** ସରକାରୀ ହିସାବ ବିତରଣ- | -- | -- | **50,085.04** |
| 4,792.17 | ସ୍ୱଳ୍ପ ସଂଚୟ ଓ ଭବିଷ୍ୟନିଧି ପାଣ୍ଠି | 5,126.00 | 3,234.36 | ସ୍ୱଳ୍ପ ସଂଚୟ ଓ ଭବିଷ୍ୟନିଧି ପାଣ୍ଠି | | | 3,378.25 |
| 3,825.82 | ସଂରକ୍ଷିତ ପାଣ୍ଠି | 10,672.79 | 3,911.53 | ସଂରକ୍ଷିତ ପାଣ୍ଠି | | | 3,760.87 |

| 2017-18 | ପ୍ରାପ୍ତି | 2018-19 | 2017-18 | ବିତରଣ | 2018-19 | | |
|---|---|---|---|---|---|---|---|
| | | | | | ପ୍ରଶାସନିକ | କାର୍ଯ୍ୟକ୍ରମ | ମୋଟ |
| 99.30 | ଅନିଶ୍ଚିତ ତଥା ବିବିଧ | 33.91 | 21.09 | ଅନିଶ୍ଚିତ ତଥା ବିବିଧ | | | 88.32 |
| 22,800.52 | ପ୍ରେଷିତ ଅର୍ଥ | 24,545.83 | 22,812.67 | ପ୍ରେଷିତ ଅର୍ଥ | | | 24,532.35 |
| 40,356.69 | ଜମା ରାଶି ତଥା ଅଗ୍ରିମ | 22,527.58 | 26,459.77 | ଜମା ରାଶି ତଥା ଅଗ୍ରିମ | | | 18,325.25 |
| -- | **XI.** ପରିଶେଷରେ ରୋକଡ଼ ଅବଶେଷ ରିଜର୍ଭ ବ୍ୟାଙ୍କରୁ | -- | **30,848.11** | **XI.** ପରିଶେଷରେ ରୋକଡ଼ ଅବଶେଷ | -- | -- | **38,134.48** |
| | -- | | -- | କୋଷାଗାରରେ ଥିବା ରୋକଡ଼ ଏବଂ ସ୍ଥାନୀୟ ପ୍ରେରିତ ଅର୍ଥ | -- | -- | -- |
| | -- | | 557.03 | ରିଜର୍ଭ ବ୍ୟାଙ୍କରେ ଜମା | -- | -- | 1,624.56 |
| | -- | | 20.11 | ସ୍ଥାୟୀ ଅଗ୍ରିମ ସହ ବିଭାଗୀୟ ରୋକଡ଼ ଅବଶେଷ | -- | -- | 20.08 |
| | -- | | 30,270.97 | ରୋକଡ଼ ଅବଶେଷ ବିନିଯୋଗ | -- | -- | 36,489.84 |
| **1,98,166.00** | ମୋଟ | **2,17,797.96** | **1,98,166.00** | ମୋଟ | | | **2,17,797.96** |

# ପରିଶିଷ୍ଟ – 1.4

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.2)

## ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା ଉପରେ ସମୟ ପର୍ଯ୍ୟାପ୍ତ ତଥ୍ୟ

(ଟଙ୍କା କୋଟିରେ)

| | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| **ଭାଗ କ. ପ୍ରାପ୍ତି** | | | | | |
| **1. ରାଜସ୍ୱ ପ୍ରାପ୍ତି** | **56,998** | **68,941** | **74,299** | **85,204** | **99,546** |
| (i) କର ରାଜସ୍ୱ | **19,828(35)** | **22,527(33)** | **22,852(31)** | **27,914(33)** | **30,318(30)** |
| ରାଜ୍ୟ ଦ୍ରବ୍ୟ ଓ ସେବାକର(ଏସ୍‌ଜିଏସ୍‌ଟି) | ଶୁନ୍ୟ | ଶୁନ୍ୟ | ଶୁନ୍ୟ | 6,609(24) | 11,943(39) |
| କୃଷିଭିତ୍ତିକ ଆୟ ଉପରେ କର | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ |
| ବିକ୍ରୟ ବାଣିଜ୍ୟ ଇତ୍ୟାଦି ଉପରେ କର | 11,817(60) | 13,097(58) | 13,402(59) | 11,522(41) | 7,310(24) |
| ରାଜ୍ୟ ଅବକାରୀ | 2,035(10) | 2,547(11) | 2,786(12) | 3,221(12) | 3,925(13) |
| ମୋଟର ଯାନ ଉପରେ କର | 910(5) | 1,044(5) | 1,216(5) | 1,535(5) | 1,746(6) |
| ଷ୍ଟାମ୍ପ ଓ ପଞ୍ଜିକରଣ ଆୟ | 800(4) | 2,157(10) | 1,364(6) | 1,037(4) | 1,237(4) |
| ଭୂ –ରାଜସ୍ୱ | 646(3) | 589(3) | 460(2) | 542(2) | 511(2) |
| ଦ୍ରବ୍ୟ ଓ ଯାତ୍ରୀ ଉପରେ କର | 1,711(9) | 1,663(7) | 1,760(8) | 1,260(5) | 182(1) |
| ଅନ୍ୟାନ୍ୟ କର | 1,909(10) | 1,430(6) | 1,864(8) | 2,188(8) | 3,464(11) |
| | | | | | |
| (ii) ଅଣକର ରାଜସ୍ୱ | **8,071(14)** | **8,711(13)** | **8,043(11)** | **8,398(10)** | **14,276(14)** |
| (iii) କେନ୍ଦ୍ରୀୟ କର ଓ ଶୁଳ୍କ ଅର୍ଥର ରାଜ୍ୟ ଅଂଶ | **16,181(28)** | **23,574(34)** | **28,322(38)** | **31,272(37)** | **35,354(36)** |
| (iv) କେନ୍ଦ୍ରରୁ ପ୍ରାପ୍ତ ଅନୁଦାନ * | **12,918(23)** | **14,129(20)** | **15,082(20)** | **17,620(20)** | **19,598(20)** |
| 2. ବିବିଧ ପୁଞ୍ଜି ପ୍ରାପ୍ତି | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ |
| **3. ଋଣ ଓ ଅଗ୍ରୀମର ଅସୁଲ** | **92** | **228** | **89** | **257** | **305** |
| **4.** ମୋଟ ରାଜସ୍ୱ ଓ ଅଣ ଋଣ ପ୍ରାପ୍ତି **(1+2+3)** | **57,090** | **69,169** | **74,388** | **85,461** | **99,851** |
| **5.** ସରକାରୀ ଋଣ ପ୍ରାପ୍ତି | **7,646** | **9,790** | **11,223** | **12,862** | **10,003** |
| ଆଭ୍ୟନ୍ତରୀଣ ଋଣ (ସାଧନୋପାୟ ଅଗ୍ରିମ ଏବଂ ଓଭରଡ୍ରାଫ୍ଟ ବ୍ୟତୀତ) | 6,035 | 9,051 | 10,320 | 12,013 | 9,020 |
| ସାଧନୋପାୟ ଅଗ୍ରିମ ଏବଂ ଓଭରଡ୍ରାଫ୍ଟ ଅଧିନରେ ପ୍ରକୃତ ନେଣଦେଣ | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ |
| କେନ୍ଦ୍ରରୁ ପ୍ରାପ୍ତି ଋଣ ଓ ଅଗ୍ରିମ | 529 | 739 | 903 | 849 | 983 |
| **6. ଏକତ୍ରୀକୃତ ପାଣ୍ଠିର ମୋଟ (4+5)** | **64,736** | **78,959** | **85,611** | **98,323** | **1,09,854** |
| **7. ଆକସ୍ମିକ ପାଣ୍ଠି ପ୍ରାପ୍ତି** | **150** | -- | **123** | -- | -- |
| **8. ସରକାରୀ ହିସାବ ପ୍ରାପ୍ତି** | **24,801** | **31,098** | **41,627** | **71,874** | **62,906** |
| **9.** ରାଜ୍ୟର ମୋଟ ପ୍ରାପ୍ତି **(6+7+8)** | **89,687** | **1,10,057** | **1,27,361** | **1,70,197** | **1,72,760** |
| ଭାଗ ଖ. ବ୍ୟୟ/ ବଣ୍ଟନ | | | | | |
| **10.** ରାଜସ୍ୱ ବ୍ୟୟ | **51,136(82)** | **58,806(77)** | **65,041(78)** | **71,837(76)** | **85,356(78)** |
| ଯୋଜନା / କାର୍ଯ୍ୟକ୍ରମ | 18,877(37) | 23,270(40) | 25,331(39) | 34,591(48) | 43,144(51) |
| ଅଣ ଯୋଜନା / ପ୍ରଶାସନିକ | 32,259(63) | 35,536(60) | 39,710(61) | 37,246(52) | 42,212(49) |
| ସାଧାରଣ ସେବା (ସୁଧ ପଇଠ ହିସାବ ସହିତ) | 14,529(28) | 15,059(26) | 16,715(26) | 20,261(28) | 24,053(28) |
| ସାମାଜିକ ସେବା | 20,964(41) | 24,643(42) | 27,600(42) | 29,557(41) | 36,427(43) |
| ଅର୍ଥନୈତିକ ସେବା | 14,826(29) | 18,188(31) | 19,714(30) | 20,757(29) | 23,513(27) |
| ଅନୁଦାନ ଓ ଅଂଶଦାନ | 817(2) | 916(1) | 1,012(2) | 1,263(2) | 1,363(2) |
| **11.** ପୁଞ୍ଜି ଗତ ବ୍ୟୟ | **11,075(18)** | **17,090(22)** | **18,471(22)** | **21,109(22)** | **23,482(21)** |
| ଯୋଜନା / କାର୍ଯ୍ୟକ୍ରମ | 11,057(100) | 17,076(100) | 18,458(100) | 21072(100) | 23,439(100) |
| ଅଣ ଯୋଜନା / ପ୍ରଶାସନିକ | 18 | 14 | 13 | 37 | 43 |
| ସାଧାରଣ ସେବା (ସୁଧ ପଇଠ ହିସାବ) | 390(4) | 425(3) | 374(2) | 465(2) | 730(3) |

* ଅଣ ସରକାରୀ ଅନୁଷ୍ଠାନ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକୁ ସିଧାସଳଖ ଦିଆଯାଇଥିବା ପାଣ୍ଠି ବ୍ୟତୀତ

| | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| ସାମାଜିକ ସେବା | 2,288(21) | 2,929(17) | 3,001(16) | 4,201(20) | 4,545(19) |
| ଅର୍ଥନୈତିକ ସେବା | 8,397(76) | 13,737(80) | 15,096(82) | 16,443(78) | 18,207(78) |
| **12. ଋଣ ଓ ଅଗ୍ରିମର ବିତରଣ** | **358(1)** | **337(1)** | **254(0)** | **1,875(2)** | **1,170(1)** |
| **13. ମୋଟ ଖର୍ଚ୍ଚ (10+11+12)** | **62,569** | **76,233** | **83,766** | **94,821** | **1,10,008** |
| **14. ସରକାରୀ ଋଣ ପରିଶୋଧ** | **4,111** | **2,881** | **2,962** | **2,690** | **3,940** |
| ଆଭ୍ୟନ୍ତରୀଣ ଋଣ (ସାଧନୋପାୟ ଅଗ୍ରିମ ଏବଂ ଓଭରଡ୍ରାଫ୍ଟ ବ୍ୟତୀତ) | 2,379 | 2,254 | 2,292 | 1,982 | 3,183 |
| ସାଧନୋପାୟ ଅଗ୍ରିମ ଏବଂ ଓଭରଡ୍ରାଫ୍ଟ ଅଧିନରେ ପ୍ରକୃତ ନେଣଦେଣ | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ |
| କେନ୍ଦ୍ରରୁ ପ୍ରାପ୍ତି ଋଣ ଓ ଅଗ୍ରିମ | 650 | 628 | 670 | 708 | 757 |
| **15. ଆକସ୍ମିକ ପାଣ୍ଠି ବିନିଯୋଗ** | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ |
| **16. ଏକତ୍ରିକୃତ ପାଣ୍ଠିରୁ ମୋଟ ବିତରଣ (13+14+15)** | **66,680** | **79,114** | **86,728** | **97,511** | **1,13,948** |
| **17. ଆକସ୍ମିକ ପାଣ୍ଠି ବିତରଣ** | ଶୁନ୍ୟ | **123** | ଶୁନ୍ୟ | ଶୁନ୍ୟ | **1,440** |
| **18. ସରକାରୀ ପାଣ୍ଠି ବିତରଣ** | **22,511** | **28,766** | **38,080** | **56,439** | **50,085** |
| **19. ରାଜ୍ୟ ଦ୍ୱାରା ମୋଟ ବିତରଣ (16+17+18)** | **89,191** | **1,08,003** | **1,24,808** | **1,53,950** | **1,65,473** |
| ଭାଗ ଗ. ନିଅଣ୍ଟ | | | | | |
| **20. ରାଜସ୍ୱ ନିଅଣ୍ଟ (-)/ରାଜସ୍ୱ ବଳକା (+) (1-10)** | **5,862** | **10,135** | **9,258** | **13,367** | **14,190** |
| **21. ବିତ୍ତୀୟ ନିଅଣ୍ଟ (-)/ବିତ୍ତୀୟ ବଳକା (+) (4-13)** | **(-)5,479** | **(-)7,064** | **(-)9,378** | **(-)9,360** | **(-)10,157** |
| **22. ପ୍ରାଥମିକ ନିଅଣ୍ଟ (-)/ପ୍ରାଥମିକ ବଳକା (+) (21+23)** | **(-)2,669** | **(-)3,721** | **(-)5,343** | **(-)4,372** | **(-)4,357** |
| ଭାଗ ଘ. ଅନ୍ୟାନ୍ୟ ତଥ୍ୟ | | | | | |
| **23.** ସୁଧ ଦେୟ (ରାଜସ୍ୱ ବ୍ୟୟ ସହିତ) | **2,810** | **3,343** | **4,035** | **4,988** | **5,800** |
| **24.** ସ୍ଥାନୀୟ ନିକାୟକୁ ଅର୍ଥିକ ସହାୟତା ଆଦି | **13,686** | **17,779** | **19,348** | **21,780** | **25,957** |
| **25.** ସାଧନୋପାୟ ଅଗ୍ରିମ ଓ ଓଭରଡ୍ରାଫ୍ଟ ଲଭ୍ୟତା (ଦିନରେ) | **3** | -- | -- | -- | -- |
| ସାଧନୋପାୟ ଅଗ୍ରିମ ଲଭ୍ୟତା (ଦିନରେ) | 3 | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ |
| ଓଭରଡ୍ରାଫ୍ଟର ଲଭ୍ୟତା (ଦିନରେ) | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ |
| **26.** ସାଧନୋପାୟ ଅଗ୍ରିମ ଓ ଓଭରଡ୍ରାଫ୍ଟ ଉପରେ ସୁଧ | 1 | ଶୁନ୍ୟ | ଶୁନ୍ୟ | ଶୁନ୍ୟ | ଶୁନ୍ୟ |
| **27** ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡ଼ିପି) | **3,14,250** (ଚୂଡ଼ାନ୍ତ) | **3,28,549** (ତୃତୀୟ ସଂଶୋଧିତ) | **3,93,808** (ତୃତୀୟ ସଂଶୋଧିତ) | **4,36,374** (ଦ୍ୱିତୀୟ ସଂଶୋଧିତ) | **4,85,376** (ପ୍ରଥମ ସଂଶୋଧିତ) |
| **28** ବକେୟା ବିତ୍ତିୟ ଦେୟତା (ବର୍ଷ ଶେଷରେ) | **50,493** | **59,753** | **71,623** | **97,164** | **1,08,258** |
| **29.** ବକେୟା ଗ୍ୟାରେଣ୍ଟି (ବର୍ଷ ଶେଷରେ) (ସୁଧ ସହିତ) | **1,672** | **1,290** | **2,256** | **1,711** | **4,170** |
| **30.** ଗ୍ୟାରେଣ୍ଟି ଦର ଅଧିକତମ ରାଶି (ବର୍ଷ ଶେଷରେ) | **10,886** | **10,891** | **12,281** | **12,281** | **15,281** |
| **31.** ଅସମ୍ପୂର୍ଣ୍ଣ ପ୍ରକଳ୍ପ ସଂଖ୍ୟା | **206** | **31** | **267** | **186** | ଉପଲବ୍ଧ ନୁହେଁ |
| **32.** ଅସମ୍ପୂର୍ଣ୍ଣ ପରିଯୋଜନାର ଅବରୋଧିତ ପାଣ୍ଠି | **1,073** | **2,323** | **3,602** | **2,818** | ଉପଲବ୍ଧ ନୁହେଁ |
| ଭାଗ ଙ. ବିତ୍ତୀୟ ସ୍ୱାସ୍ଥ୍ୟ ପରିମାପକ(ପ୍ରତିଶତରେ) | | | | | |
| **I** ସମ୍ବଳ ଯୋଗାଡ଼ | | | | | |
| ନିଜସ୍ୱ କର ରାଜସ୍ୱ / ଜିଏସଡ଼ିପି | 6.31 | 6.86 | 5.80 | 6.40 | 6.25 |
| ନିଜସ୍ୱ ଅଣ କର ରାଜସ୍ୱ / ଜିଏସଡ଼ିପି | 2.57 | 2.65 | 2.04 | 1.92 | 2.94 |
| କେନ୍ଦ୍ରୀୟ ସ୍ଥାନାନ୍ତରଣ / ଜିଏସଡ଼ିପି | 9.26 | 11.48 | 11.02 | 11.20 | 11.32 |
| **II** ବ୍ୟୟ ପରିଚାଳନା | | | | | |
| ମୋଟ ବ୍ୟୟ / ଜିଏସଡ଼ିପି | 19.91 | 23.20 | 21.27 | 21.73 | 22.66 |

| | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| ମୋଟ ବ୍ୟୟ / ରାଜସ୍ୱ ପ୍ରାପ୍ତି | 109.78 | 110.58 | 112.74 | 111.29 | 110.51 |
| ରାଜସ୍ୱ ବ୍ୟୟ / ମୋଟ ବ୍ୟୟ | 81.73 | 77.14 | 77.65 | 75.76 | 77.59 |
| ସାମାଜିକ ସେବା ବ୍ୟୟ / ମୋଟ ବ୍ୟୟ | 37.16 | 36.17 | 36.53 | 35.60 | 37.24 |
| ଅର୍ଥନୈତିକ ସେବା ବ୍ୟୟ/ମୋଟ ବ୍ୟୟ | 37.53 | 42.20 | 41.75 | 39.65 | 38.25 |
| ପୁଞ୍ଜିଗତ ବ୍ୟୟ/ମୋଟ ବ୍ୟୟ | 17.70 | 22.42 | 22.05 | 22.26 | 21.35 |
| ସାମାଜିକ ଓ ଅର୍ଥନୈତିକ ସେବା ନିମନ୍ତେ ପୁଞ୍ଜିଗତ ବ୍ୟୟ/ମୋଟ ବ୍ୟୟ | 17.08 | 21.86 | 21.60 | 21.77 | 20.68 |
| **III** ଆର୍ଥିକ ଅସନ୍ତୁଳନ ପରିଚାଳନା | | | | | |
| ରାଜସ୍ୱ ଦେୟତା (ବଳକା) / ଜିଏସଡ଼ିପି | 1.87 | 3.08 | 2.35 | 3.06 | 2.92 |
| ବିତ୍ତିୟ ଦେୟତା / ଜିଏସଡ଼ିପି | (-)1.74 | (-)2.15 | (-)2.38 | (-)2.14 | (-)2.09 |
| ପ୍ରାଥମିକ ରାଜସ୍ୱ (ବଳକା) / ଜିଏସଡ଼ିପି | (-)0.85 | (-)1.13 | (-)1.36 | (-)1.00 | (-)0.90 |
| **IV** ଆର୍ଥିକ ଦେୟତାର ପରିଚାଳନା | | | | | |
| ବିତ୍ତିୟ ଦେୟତା / ଜିଏସଡ଼ିପି | 16.07 | 18.19 | 18.19 | 22.27 | 22.30 |
| ବିତ୍ତିୟ ଦେୟତା / ରାଜସ୍ୱ ପ୍ରାପ୍ତି | 88.59 | 86.67 | 96.40 | 114.04 | 108.75 |
| **V** ଅନ୍ୟାନ୍ୟ ବିତ୍ତିୟ ସ୍ଥିତିର ପରିମାପକ | | | | | |
| ପୁଞ୍ଜି ଲଗାଣରୁ ପ୍ରାପ୍ତ | 30.71 | 14.26 | 12.80 | 1.33 | 10.16 |
| ଚଳିତ ରାଜସ୍ୱ ଅବଶେଷ (କୋଟି ଟଙ୍କାରେ) | 18,493 | 34,604 | 37,888 | 51,233 | 65,423 |
| ଆର୍ଥିକ ପରିସମ୍ପତ୍ତି ଦେୟତା | 1.32 | 1.43 | 1.48 | 1.49 | 1.53 |

# ପରିଶିଷ୍ଟ – 1.5

## ରାଜ୍ୟ ଏକତ୍ରୀକୃତ ପାଣ୍ଠିରେ ସମ୍ବଳର ଗଠନ ଏବଂ ପାଣ୍ଠିର ବିନଯୋଗ

(ଦ୍ରଷ୍ଟବ୍ୟ ଅନୁଛେଦ 1.2)







*ଉତ୍ସ: ବିତ୍ତୀୟ ହିସାବ*

## ପରିଶିଷ୍ଟ – 1.6

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.6)

### 31 ମାର୍ଚ୍ଚ 2019 ସୁଦ୍ଧା ଓଡ଼ିଶା ସରକାରଙ୍କର ଆର୍ଥିକ ସ୍ଥିତିର ସଂକ୍ଷିପ୍ତ ବିବରଣ

(ଟଙ୍କା କୋଟିରେ)

| 31 ମାର୍ଚ୍ଚ 2018 ସୁଦ୍ଧା | | | 31 ମାର୍ଚ୍ଚ 2019 ସୁଦ୍ଧା |
|---|---|---|---|
| | **ଦେୟତା** | | |
| **44,584.24** | **ଆଭ୍ୟନ୍ତରୀଣ ଋଣ** | | **50,421.02** |
| 23,530.82 | ସୁଧ ଥିବା ବଜାର ଋଣ | 28,030.82 | |
| 0.08 | ସୁଧ ବିହିନ ବଜାର ଋଣ | 0.08 | |
| 0.81 | ଭାରତ ଜୀବନ ବୀମାରୁ ଋଣ | 0.47 | |
| 21,052.53 | ଅନ୍ୟାନ୍ୟ ଅନୁଷ୍ଠାନରୁ ଋଣ | 22,389.65 | |
| -- | ସାଧନୋପାୟ ଅଗ୍ରିମ | -- | |
| -- | ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଓଭରଡ୍ରାଫ୍ଟ | -- | |
| **7,605.60** | **କେନ୍ଦ୍ର ସରକାରଙ୍କ ଠାରୁ ଋଣ ଓ ଅଗ୍ରିମ -** | | **7,831.72** |
| 0.56 | 1984-85 ପୂର୍ବରୁ ଋଣ | 0.56 | |
| 17.62 | ଅଣ ଯୋଜନା ଋଣ | 15.44 | |
| 6,739.04 | ରାଜ୍ୟ ଯୋଜନା ପରିକଳ୍ପନା ପାଇଁ ଋଣ | 5,985.50 | |
| -- | କେନ୍ଦ୍ର ଯୋଜନା ବ୍ୟବସ୍ଥା ପାଇଁ ଋଣ | -- | |
| 0.23 | କେନ୍ଦ୍ରୀୟ ପାୟୋଜିତର ଯୋଜନା ପାଇଁ ଋଣ | 2.37 | |
| 848.15 | ରାଜ୍ୟ ପାଇଁ ଋଣ/ କେନ୍ଦ୍ରଶାସିତ ଅଞ୍ଚଳ ବିଧାନ ସଭା ଯୋଜନା | 1,827.85 | |
| **400.00** | **ଆକସ୍ମିକ ପାଣ୍ଠି** | | **400.00** |
| **21,675.32** | **ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି** | | **23,423.06** |
| **21,624.96** | **ଜମା ରାଶି** | | **25,827.26** |
| **7,196.95** | **ଆରକ୍ଷିତ ପାଣ୍ଠି ଅଗ୍ରିମ** | | **14,108.86** |
| **226.13** | **ଅନିଶ୍ଚିତ ଓ ବିବିଧ ଅବଶେଷ** | | **171.72** |
| **--** | **ପ୍ରେରିତ ଅବଶେଷ** | | **--** |
| **698.15** | **ବିବିଧ ପୁଞ୍ଜି ପ୍ରାପ୍ତି** | | **698.15** |
| **51,233.19** | **ଖର୍ଚ୍ଚ ଠାରୁ କ୍ରମ ବର୍ଦ୍ଧନ ଶୀଳ ଅଧିକ ଆୟର ପରିମାଣ** | | **65,422.91** |
| **1,55,244.53** | | ମୋଟ | **1,88,304.70** |
| | **ପରିସମ୍ପତ୍ତି** | | |
| **1,17,966.93** | **ସ୍ଥାୟୀ ପରିସମ୍ପତ୍ତି ପାଇଁ ସାମଗ୍ରିକ ପୁଞ୍ଜି ବିନିଯୋଗ -** | | **1,41,449.01** |
| 4974.21 | କମ୍ପାନୀ, ନିଗମ ଇତ୍ୟାଦିରେ ବିନିଯୁକ୍ତ ଅଂଶଧନ | 5,353.76 | |
| 1,12,992.72 | ଅନ୍ୟାନ୍ୟ ପୁଞ୍ଜି ବିନିଯୋଗ | 1,36,095.25 | |
| **6,325.57** | **ଋଣ ଓ ଅଗ୍ରିମ -** | | **7,190.58** |

| 31 ମାର୍ଚ୍ଚ 2018 ସୁଦ୍ଧା | | | 31 ମାର୍ଚ୍ଚ 2019 ସୁଦ୍ଧା |
|---|---|---|---|
| 3,493.43 | ଶକ୍ତି ପ୍ରକଳ୍ପ ପାଇଁ ଋଣ | 3,643.60 | |
| 2,428.75 | ଅନ୍ୟାନ୍ୟ ବିକାଶ ମୂଳକ ଋଣ | 3,121.22 | |
| 403.39 | ସରକାରୀ କର୍ମଚାରୀଙ୍କୁ ଋଣ ଓ ବିବିଧ ଋଣ | 425.76 | |
| **11.39** | **ଅଗ୍ରିମ** | | **11.36** |
| **92.53** | **ପ୍ରେରିତ ଅବଶେଷ** | | **79.05** |
| -- | **ଅନିଶ୍ଚିତ ଓ ବିବିଧ ଅବଶେଷ** | | |
| **30,848.11** | **ରୋକଡ଼ -** | | **38,134.48** |
| -- | କୋଷାଗାରା ଓ ସ୍ଥାନୀୟ ପ୍ରେରିତ ରୋକଡ଼ | -- | |
| 557.03 | ରିଜର୍ଭବ୍ୟାଙ୍କରେ ଜମା ରାଶି | 1,624.56 | |
| 20.11 | ବିଭାଗୀୟ ନଗର ଅର୍ଥ ଅବଶେଷ ସ୍ଥାୟୀ ଅଗ୍ରିମ ସମେତ | 20.08 | |
| -- | ଅମାନତ ଜମା | -- | |
| 5,523.00 | ନିର୍ଦ୍ଧାରିତ ପାଣ୍ଠିର ନିବେଶ | 13,354.25 | |
| 24,747.97 | ଅବଶେଷ ରୋକଡ଼ ନିବେଶ | 23,135.59 | |
| | **ସରକାରୀ ହିସାବ ନିଅଣ୍ଟ -** | | **1,440.22** |
| -- | (i) ଚଳିତ ବର୍ଷର ରାଜସ୍ୱ ବଳକାର କମ୍ତି | -- | |
| -- | (ii) ଆକସ୍ମିକ ପାଣ୍ଠିରେ ନିବେଶ | 1,440.22 | |
| -- | ବର୍ଷ ଆରମ୍ଭରେ ରାଶିକୃତ ନିଅଣ୍ଟ | -- | |
| **1,55,244.53** | **ମୋଟ** | | **1,88,304.70** |

** ଅନିଶ୍ଚିତ ଓ ବିବିଧ ଅଧିନରେ ନିଆଯାଇଅଛି

ଟିପ୍ପଣୀ : ଆକସ୍ମିକ ପାଣ୍ଠିର ଅବଶେଷ ଦେୟତା ଅଧିନରେ ନିଆଯାଇଅଛି ।

ପରିଶିଷ୍ଟ 1.3 ଏବଂ 1.4 ସଂପର୍କିତ ବ୍ୟାଖ୍ୟାମୁଳକ ଟିପ୍ପଣୀ

ପୂର୍ବକ୍ତୋ ବିବୃତିମାନଙ୍କରେ ଦିଆଯାଇଥିବା ସଂକ୍ଷିପ୍ତକୃତ ହିସାବ ପାଠ କଲାବେଳେ ଅର୍ଥ ହିସାବରେ ଦିଆଯାଇଥିବା ମନ୍ତବ୍ୟ ଓ ସ୍ୱଷ୍ଟିକରଣ ପ୍ରତି ଧ୍ୟାନ ଦେବା ବିଧେୟ । ସରକାରୀ ହିସାବ ମୁଖ୍ୟତଃ କେସ ଭିତ୍ତିରେ ସଂକଳିତ ହେଉଥିବାରୁ ସରକାରୀ ହିସାବରେ ନିଅଣ୍ଟ (ପରିଶିଷ୍ଟ -1.4 ଦ୍ରଷ୍ଟବ୍ୟ) କେସ ଭିତ୍ତିରେ ନିୟଣ୍ଟକୁ ସୁଚାଇଥାଏ, ଯାହା ବାଣିଜିକ ହିସାବରେ ସୁଚିତ ଉଦ୍‌ଭୁତିତ ଭିତ୍ତିରେ ସୂଚା ଯାଇଥିବା ନିଅଣ୍ଟ ଠାରୁ ଭିନ୍ନ ଅଟେ । ଫଳସ୍ୱରୁପ, ଦେୟ ବା ପ୍ରାପ୍ତ ରାଶି, ଅବକ୍ଷୟ ରାଶି ଅଥବା ସମାଗ୍ରୀ ହିସାବରେ ପରିବର୍ତ୍ତନ ଇତ୍ୟାଦି ହିସାବ ସଂକଳନ କଲାବେଳେ ପ୍ରତିଫଳିତ ହୁଏ ନାହିଁ । ନିଲମ୍ବନ ଓ ବିବିଧ ଅବଶେଷ କହିଲେ ନିର୍ଗମିତ କିନ୍ତୁ ପୈଠ ହୋଇନଥିବା ଚେକ୍ ରାଶି, ରାଜ୍ୟ ସରକାରଙ୍କ ମାର୍ଫତ୍ ପୈଠ ରାଶି ଏବଂ ଅନ୍ୟାନ୍ୟ ଆପୋଷ ନିଷତ୍ତି ବିବରଣକୁ ବୁଝାଏ । ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଦର୍ଶାଇଥିବା 522.61 କୋଟି ଟଙ୍କାରେ (ନେଟ୍ କ୍ରେଡ଼ିଟ) ଯାହାକି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆରେ ଜମା ଥିଲା ଓ ସରକାରୀ ହିସାବରେ ପ୍ରତିଫଳିତ ପାଇଁ 1624.56 କୋଟି ଟଙ୍କା (ନେଟ୍ ଡ଼େବିଟ୍) ମଧ୍ୟରେ ପ୍ରାର୍ଥକ୍ୟ 1101.95 କୋଟି ଟଙ୍କା (ନେଟ୍ ଡ଼େବିଟ୍) ଥିଲା । ହିସାବର ବ୍ୟବସ୍ଥାପନ ଓ ସମ୍ମନ୍ୱୟ ପରେ ମଧ ଜୁନ 2019 ସୁଦ୍ଧା ପାର୍ଥକ୍ୟ 144.52 କୋଟି ଟଙ୍କା (ନେଟ୍ ଡେବିଟ) ତଥାପି ସମନ୍ୱୟ କରିବାକୁ ବାକି ଥିଲା ।.

## ପରିଶିଷ୍ଟ – 2.1

(ଦ୍ରଷ୍ଟବ୍ୟ ଅନୁଛେଦ 2.2.2)

**2018-19 ବର୍ଷରେ ବିଭିନ୍ନ ଅନୁଦାନ / ବିନିଯୋଗ ଯେଉଁଠି ସଂଚୟ ପ୍ରତ୍ୟେକ କ୍ଷେତ୍ରରେ 100 କୋଟି ଟଙ୍କାରୁ ଏବଂ ସଂପୂର୍ଣ୍ଣ ବ୍ୟବସ୍ଥାର 20 ପ୍ରତିଶତ ରୁ ଉର୍ଦ୍ଧଥିଲା ତାହାର ବିବରଣୀ**

(କୋଟି ଟଙ୍କାରେ)

| କ୍ର.ସଂ | ଅନୁଦାନ ସଂଖ୍ୟା | ଅନୁଦାନ / ବିନିଯୋଗର ନାମ | ମୋଟ ଅନୁଦାନ/ ବିନିଯୋଗ | ପ୍ରକୃତ ଖର୍ଚ୍ଚ | ସମୁଦାୟ ବ୍ୟୟ / ଅଟକଳରୁ ସଂଚୟ | ସମୁଦାୟ ବ୍ୟୟ ଅଟକଳରୁ ସଂଚୟ ପ୍ରତିଶତ 2018- 19 |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| **ରାଜସ୍ୱ (ଅନୁମୋଦିତ)** | | | | | | |
| 1 | 13 | ଗୃହ ଓ ନଗର ଉନ୍ନୟନ | 4,949.62 | 3,771.65 | 1,177.97 | 23.80 |
| 2 | 33 | ମତ୍ସ୍ୟ ଓ ପଶୁ ସଂପଦ ବିକାଶ | 774.65 | 599.75 | 174.90 | 22.58 |
| 3 | 42 | ବିପର୍ଯ୍ୟୟ ପରିଚାଳନା | 5,369.63 | 3,447.07 | 1,922.56 | 35.80 |
| **ପୁଞ୍ଜି (ଅନୁମୋଦିତ)** | | | | | | |
| 4 | 1 | ଗୃହ | 891.56 | 596.67 | 294.89 | 33.08 |
| 5 | 12 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 1,000.00 | 674.44 | 325.56 | 32.56 |
| 6 | 20 | ଜଳ ସଂପଦ | 8,476.57 | 5,713.91 | 2,762.66 | 32.59 |
| 7 | 21 | ପରିବହନ | 480.00 | 100.62 | 379.38 | 79.04 |
| | | ମୋଟ | **21,942.03** | **14,904.11** | **7,037.92** | **32.08** |

ଉତ୍ସ : 2018-19 ର ଓଡ଼ିଶା ସରକାରଙ୍କର ବିନିଯୋଗ ହିସାବ

## ପରିଶିଷ୍ଟ – 2.2

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.2.3)

